# କାଳି-ବୋହୂ

୰ କୁନ୍ତଳାକୁମାରୀ ଦେବୀ

# କାଳୀବୋହୂ

ଲେଖିକା—

ଉତ୍କଳ ଭାରତୀ

ଡ଼ କୁନ୍ତଳାକୁମାରୀ ଦେବୀ, ଏଲ୍. ଏମ୍. ପି.

ଭାରତୀ ତପୋବନ ସଂଘ

ପ୍ରକାଶକ—
ଡାକ୍ତର କେ. ପି. ବ୍ରହ୍ମଚାରୀ
ବାଚସ୍ପତି ଶାସ୍ତ୍ରୀ
ଭାରତୀ ତପୋବନ ସଂଘ
କଟକ ।

ତୃତୀୟ ସଂସ୍କରଣ
୧୯୪୦
ଟ ୦୫ । ମା ।

ପ୍ରାପ୍ତିସ୍ଥାନ—
ଭାରତୀ ବୁକ୍ ଡିପୋ
ନୟାସଡ଼କ
କଟକ ।

# କାଳୀବୋହୂ

## ୧

### ଏ ସୁନ୍ଦରୀଟି କିଏ ?

ସଞ୍ଜବେଳେ ପୋଖରୀ ହୁଡାରେ ଗାଲରେ ହାତ ଦେଇ ବସି ଭାବୁଛି, ଏ ସୁନ୍ଦରୀଟି କିଏ ? ଆକାଶରେ ତାରା ଉଇଁଲେଣି, ବାଡ଼ରେ ମଲ୍ଲି ଫୁଟିଲେଣି, ଗଛରେ ବାଦୁଡ଼ି ଲଗିଲେଣି, ଗୁହାଳରେ ଗୋରୁ ପଶିଲେଣି, ହଳିଆ ମୂଲିଆ କ୍ଷେତ କାମ ସାରି ବସାକୁ ବାହୁଡିଲେଣି, କୁଳବଧୂମାନେ ଜଳପୂର୍ଣ୍ଣ କଳସ ଘେନି ଗାଁକୁ ନେଉଟିଲେଣି, ଅଥଚ, ନିଦ ଭାଙ୍ଗୁନାହିଁ, ଏକା ଯିବାର ? ମାଟିଆ ମଙ୍ଗଟି ହାତରେ ଧରି, ପାଣି ତୁଠକୁ ଗୋଡ଼ ପାରି ଗାଲରେ ହାତ ଦେଇ ବସି ଭାବୁଛି ଏ କିଏ ? ଏହାର ନୀଳେନ୍ଦୀବର-ନୟନରୁ ଉଷ୍ଣ-ଅଶ୍ରୁଧାର କିପାଁ ବହୁଛି ? ପାଠକ ! ଏ ଜଣେ ବାଲ୍ୟବିଧବା । ଏହାର ନାମ ଲକ୍ଷ୍ମୀ ।

ଅନେକ ଜପତପ ଦାନଧ୍ୟାନ ତୀର୍ଥଦର୍ଶନ ପରେ ବିବାହର ଅଠର ବର୍ଷ ବାଦ ଯେତେବେଳେ କମଳାର ଗୋଟିଏ ସନ୍ତାନ ଜାତ ହେଲା, ସେ ଝିଅ ହେଲେ ମଧ୍ୟ ଆନନ୍ଦରେ ମିଶ୍ରଙ୍କର ଘର ଫାଟି ପଡ଼ିଲା । ମିଶ୍ରେ ଧନୀ, ମହାଜନ । ଧାନ, ଗୁଡ଼ିଲ, ନଡ଼ିଆ, ଗୁଆ, ପୋଲଙ୍ଗ, ଆମ୍ବ, ପଣସ, ଆଖୁ ଇତ୍ୟାଦି ବଡ଼ ବଡ଼ କାର-ବାରରେ ବାର୍ଷିକ ଲକ୍ଷାଧିକ ଟଙ୍କା ଆମଦାନି ହୁଏ । ବାଟି ଦ'ବାଟି

ଧାନ ଜମିରେ ତ ସୁନା ଫଳେ, ଗୁହାଳରେ ଅସଂଖ୍ୟ ଗାଈ ବାଛୁରୀ, ଦହି ଦୁଧରେ ଘର ଭାସୁଛି । ଦାସ ଦାସୀ, ପୋଇଲି ପଇଚାରୀ, ହଳିଆ, ମୂଲିଆର ଅଭାବ ନାହିଁ; କିନ୍ତୁ ସବୁ ଥାଇ ନ ଥିଲା ଗୋଟିଏ କଥା । ଅର୍ଥାତ ମିଶ୍ରେ ନିଃସନ୍ତାନ । ମିଶ୍ରଙ୍କର ତିନି ବିବାହ କିନ୍ତୁ କାହାର ଅଦ୍ୟାବଧି ସନ୍ତାନ ସୌଭାଗ୍ୟ ଲାଭ ଘଟିନାହିଁ । ଶେଷକୁ ବିବାହର ଅଠର ବର୍ଷ ପରେ ମଧ୍ୟମା ପତ୍ନୀ କମଳାଙ୍କ କନ୍ୟାଟି ଲାଭ ସେ ପରିବାର ପକ୍ଷରେ କିପରି ମହା ଆନନ୍ଦର ବିଷୟ, ଏହା ସହଜରେ ବୁଝାପଡୁଥିବ । ମିଶ୍ରେ ମହା ସମାରୋହରେ କନ୍ୟାର ଜାତକର୍ମାଦି କଲେ । ତଦୁତ୍ତରେ ସପ୍ତମ ବର୍ଷରେ ପଦାର୍ପଣ ନ କରୁଣୁ ସର୍ବସୁଲକ୍ଷଣବନ୍ତ ପୀତାମ୍ବର ନାମକ ୧୦ ବର୍ଷ ବୟସ୍କ ବ୍ରାହ୍ମଣ କୁମାର ସହିତ କନ୍ୟାର ବିବାହ କରାଇଦେଲେ । ଲକ୍ଷ୍ମୀ ତିନି ମାଁର ଅତି ଆଦରର ଦୁଲଣୀ । ପିତାର ନୟନମଣି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଲକ୍ଷ୍ମୀର କପାଳ ଫାଟିଲା । ଦଶବର୍ଷ ବୟସରେ ଲକ୍ଷ୍ମୀ ବିଧବା ହେଲା । ଅତୁଳ ସମ୍ପତ୍ତି, ପିତାମାତାର ବିପୁଳ ସ୍ନେହ, ତାହାର ଶିର ନିଷ୍ଫଳ ଜୀବନର ଯାତନା ଦୂରୀକରଣାର୍ଥେ ସମର୍ଥ ହେଲାନାହିଁ ।

ଲକ୍ଷ୍ମୀ ବିଧବା ହେଲା, ବିଶାଳ କୁଳର ଏକ ମାତ୍ର ମୁକୁଳ ଅକାଳରେ ଝଡ଼ିଲା, ପିତାମାତାଙ୍କ ଦୌହିତ୍ର ଆକାଙ୍କ୍ଷା ନିଷ୍ଫଳ ହେଲା, ଆଉ କିଏ ଧୈର୍ଯ୍ୟ ଧରି ରହିବ ? ଲକ୍ଷ୍ମୀ ଧନୀର କନ୍ୟା ହେଲେ ସୁଦ୍ଧା ଶାସ୍ତ୍ର କି ତା’ପାଇଁ ବାଟ ରଖିଥିଲା । ଦଶବର୍ଷର ଶିଶୁକୁ ସମ୍ପୂର୍ଣ୍ଣ ନିରାଭରଣା କରି, ହବିଷ୍ୟ ଖୁଆଇବାର ବ୍ୟବସ୍ଥା ହେବା ସମୟରେ କମଳା ମୂର୍ଚ୍ଛିତା ହେଲେ । ବିଧାତା ନ ଦେଇଥିଲା ନାହିଁ । ସନ୍ତାନ ଦେଇ ସନ୍ତାନର ଏ ଯାତନା ? କ୍ରୀଡ଼ାଗତପ୍ରାଣା ଲକ୍ଷ୍ମୀ ତାହାର ସ୍ୱାମୀ କିଏ, କିଛି ଜାଣିନଥିଲା । ବଳପୂର୍ବକ

ତା' ଦେହରୁ ଅଳଙ୍କାର କାଢ଼ିଦେଲାରୁ ସେ କେତେ କାନ୍ଦିଲା, କେତେ ଅଳି କଲା; କିନ୍ତୁ ଆଜି କିଏ ଶୁଣୁଛି ? ତାହାର ମୁଣ୍ଡରୁ ସିନ୍ଦୂର ଲିଭିଲା, ହାତରୁ ଅଳଙ୍କାର ଗଲା, ଗୋଡରୁ ଅଳତା ପୋଛା ହେଲା । ଲକ୍ଷ୍ମୀର ହବିଷ୍ୟ ବ୍ୟବସ୍ଥାରେ କମଳା ନିଜେ ହବିଷ୍ୟ କଲେ । ଘରୁ ଆନନ୍ଦର କୋଳାହଳ ନିବୃତ୍ତ ହେଲା । ସମସ୍ତେ ଦୁଃଖ ସାଗରରେ ଭାସିଲେ ।

ବୁଧବାର ନିର୍ଜ୍ଜଳା ଏକାଦଶୀ ପଡ଼ିଲା । ସେଦିନ ଅଚ୍ୟୁତ ମିଶ୍ରଙ୍କ ମୁହଁକୁ ଅନ୍ନ ରୁଚିଲା ନାହିଁ । ଲକ୍ଷ୍ମୀ ଅତ୍ୟନ୍ତ ସୁକୁମାରୀ, ଉପବାସରେ କ୍ଷୀଣ ହେଲା, କିନ୍ତୁ ପିତାମାତା ଧୈର୍ଯ୍ୟ ଧରି କେବଳ ଅଶ୍ରୁପାତ କଲେ । "ପାଣି ପାଣି" ଚିତ୍କାର କରି ବାଳିକା ମୂର୍ଚ୍ଛିତା ହେଲା, ତାହାର କାନରେ ପାଣି ଟୋପିଏ ଦିଆଗଲା କିନ୍ତୁ, ଶୁଷ୍କକଣ୍ଠ ଆର୍ଦ୍ର କରିବାର ବ୍ୟବସ୍ଥା ହେଲାନାହିଁ ।

କନ୍ୟାର କ୍ରମାଗତ ଏ ଦୁଃଖ, ମାତାର ସହ୍ୟ ହେଲା ନାହିଁ । ଚିନ୍ତାରେ ଚିନ୍ତାରେ ତାଙ୍କୁ ରୋଗ ଗ୍ରାସ କଲା । ଶେଷକୁ ମୃତ୍ୟୁ ଆସି ସବୁ ଯନ୍ତ୍ରଣାର ଅବସାନ କଲା । ଅଚ୍ୟୁତ ମିଶ୍ର କନ୍ୟା ଚିନ୍ତାରେ ଉନ୍ମାଦ ପ୍ରାୟ ହେଲେ । ଦୂର ସମ୍ପର୍କୀୟ ପୁତୁରାଟିକୁ ବିଷୟ ସମ୍ପତ୍ତି ଅର୍ପଣ କରି କନ୍ୟାକୁ ନେଇ ତୀର୍ଥଯାତ୍ରା କଲେ । କିନ୍ତୁ କାହିଁରେ ତାଙ୍କର ଶାନ୍ତି ହେଲାନାହିଁ । ବୈଧବ୍ୟର ଅସୀମ କଷ୍ଟ ଅଙ୍ଗରେ ନିଭାଇସୁଦ୍ଧା ଲକ୍ଷ୍ମୀ ଯୌବନରେ ପଦାର୍ପଣ କଲା । ଦେହରେ ରୂପ ଉଚ୍ଛୁଳି ପଡ଼ିଲା ।

ଲକ୍ଷ୍ମୀ ପରମା ସୁନ୍ଦରୀ । କଳାବର୍ଣ୍ଣସହିତ ତାହାର ଅତୁଳନୀୟ ଲଳିତ କାନ୍ତି, ସର୍ବାଙ୍ଗର ନବନୀତ କୋମଳ ସୌନ୍ଦର୍ଯ୍ୟ, ତର-ଙ୍ଗାୟିତ ନିବିଡ଼ କୃଷ୍ଣ କେଶରାଶି, ବିଶାଳ ନୀଳେନ୍ଦୀବର ନୟନ-

ଯୁଗଳ ଯେ ଦେଖିଥିଲା, ସେ ଘଡ଼ିଏ ଶୃଙ୍ଗ ଥିଲା । କିନ୍ତୁ କି ହେବ ? ସବୁ ନିଷ୍ଫଳ ! ବ୍ୟର୍ଥ ଜୀବନର ଯାତନା, ଚିରଅନ୍ଧକାର ଭବିଷ୍ୟତର ଦାରୁଣ ପରିହାସ ଲକ୍ଷ୍ମୀକୁ ଛଳେ ଛଳେ ଘାରି ପକାଇଲା । ଲକ୍ଷ୍ମୀ ବୁଝିଲା, ଏ ଜଗତରେ ତାହାର ସ୍ଥାନ ନାହିଁ । ପୂର୍ବଜନ୍ମକୃତ କି ପାପ ସକାଶେ ଆଜି ସେ ଚିରବୈଧବ୍ୟ-ବନ୍ଧନରେ ଆବଦ୍ଧ ଏହା କିଛି ବୁଝିପାରିଲା ନାହିଁ । କେବଳ ଝରିଲା ଆଖିରୁ ଲୁହ, ଦାରୁଣ ନୈରାଶ୍ୟର ତପ୍ତ ଲୋତକ ।

ଲକ୍ଷ୍ମୀର ଚୌଦବର୍ଷ ବୟସ । ପିତାଙ୍କ କୃପାରୁ କିଛି ପାଠଶାଠ ପଢ଼ିଥିଲା । ତୀର୍ଥାଦି ଦର୍ଶନ କରି ଅନେକ ଜ୍ଞାନ ଲାଭ କରିଥିଲା; ତଥାପି ତାହାର ହୃଦୟରେ କୌଣସି ସାନ୍ତ୍ୱନା ଆସିଲା ନାହିଁ । ସେ କିପାଁ ଆଜି ଏକାନ୍ତ ନିରାଶ୍ରୟ ନିଃସଙ୍ଗ ଜୀବନ ବହନ କରି ଏ ଜଗତରେ ବଞ୍ଚିଛି ? କିପାଁ ଜଗତର ସମସ୍ତ ଭୋଗ ତା' ପାଇଁ ବାରଣ ? କିପାଁ ନାରୀତ୍ୱ, ମାତୃତ୍ୱରୁ ଆଜି ସେ ବଞ୍ଚିତ ? କି ଦୋଷରୁ, କି ପାପରୁ ଏ ଦାବ ଦହନ ? ଲକ୍ଷ୍ମୀ କେବଳ ଏବାବିଧ ତାହାହିଁ ଭାବୁଥିଲା । ବିବାହ, ପାତିବ୍ରତ୍ୟ ଇତ୍ୟାଦି କୌଣସି ବିଷୟ ସେ ବୁଝିପାରିଲା ନାହିଁ । ବିବାହ କଣ ? କାହାକୁ ସେ ବିବାହ କରିଥିଲା, କିଏ ତାହାର ପତି, ତାହାର ପାତିବ୍ରତ୍ୟର ଦାବୀ କିଏ କରେ । ଏହା ସେ ଏକାନ୍ତରେ, ପୋଖରୀ ହୁଡ଼ାରେ ବସି ଭାବେ । ସଞ୍ଜ ବୁଡ଼ି ଯାଏ, ଦୀପ ଲାଗେ, ଠାକୁର ଘରେ ଆରତି ହୁଏ; କିନ୍ତୁ ଲକ୍ଷ୍ମୀ ଉଠି ପାରେ ନାହିଁ । ସେ ଅପାର ଚିନ୍ତାରେ ମଗ୍ନ ଥାଏ ।

ଆଜି ମଧ୍ୟ ଲକ୍ଷ୍ମୀ ତଦ୍ରୂପ ଚିନ୍ତିତା; ସମବୟସ୍କା ଦୁର୍ଗା ଆସି ତାହାର ପଛରୁ ଠେଲି ଦେଇ କହିଲା, "କିଲୋ ନଣି ! ମାଟିଆଣି ଧରି ବସିଛୁ କିଆଁ, କାଲି ଏକାଦଶୀ ବୋଲି ଭାବୁଛୁ କି ? ଲାଗେରେ

ଲୁଚେଇ ପୋଡ଼ପିଠା ଖାଇଦବୁ ମ! କିଏ ଦେଖିବ ? ମୋ' ରାଣଟି !"
ଦୁର୍ଲ୍ଲଭ ଲକ୍ଷ୍ମୀକୁ ଅତ୍ୟନ୍ତ ଭଲ ପାଏ। ଲକ୍ଷ୍ମୀ ତାକୁ କୋଳକୁ ଟାଣି ଆଣି କହିଲା—"ଦୁଲି, ଏକାଦଶୀ ସକାଶେ ଭାବୁନାହିଁ। ଭାବୁଛି ଏକାଦଶୀ କିଏ ଗଢ଼ିଲା। ତା' ପ୍ରାଣରେ କଣ ଟିକିଏ ଦୟା ନଥିଲା ? ମାଇକିନା ଝିଅର ଦୁଃଖ ବସ୍ତୁର ବେଳକୁ କଣ ବିଧାତା ତାକୁ ପଥର କରିଥିଲା ?"

ଦୁର୍ଲ୍ଲଭ ତା ପାଟିରେ ହାତ ଦେଇ ତାର ଉଚ୍ଛୁଳା ପଡ଼ୁଥିବା କୋହକୁ ଚୁପି କହିଲା—"ସେମିତି କହନା ନାନୀ—ଶାସ୍ତର କଣ ମିଛ ଲେଖିଛି ? ଦିଅଁ ଦେବତା ଅମଙ୍ଗଳ କରିବେ।"

ତାକୁ ଆହୁରି କୋଳକୁ ଟାଣି ଆଣି ଲକ୍ଷ୍ମୀ କାନ୍ଦି କାନ୍ଦି କହିଲା, "ଭଉଣି, ମୋ ହିଆଭିତରେ ନିଆଁ ଜଳୁଛି, ଆଉରି କହୁଛୁ ଦିଅଁ ଦେବତା ଅମଙ୍ଗଳ କରିବେ! ମୋ' ପାଇଁ ମଙ୍ଗଳ ଆଉ କଣ ଅଛି ? ଜନମରୁ ଅଭାଗିନୀ ମାଁ ପେଟରୁ ନ ମଲି ? ମୋ' ଜନ୍ମ ବିଧାତା ଲେଖିଥିଲା ବ୍ରାହ୍ମଣ କୁଳରେ। ବାପ ମାଁ ସଭିଙ୍କର ଦୁଃଖର କାରଣ ହେଲି।" ଦୁର୍ଲ୍ଲଭ ନୀରବରେ ସଙ୍ଗିନୀ ସହିତ ରୋଦନ କଲା। ନବଯୌବନା ଲକ୍ଷ୍ମୀର ଚିର ବୈଧବ୍ୟ ସହିତ, ନିଜର ପତିପୁତ୍ର ପରିବୃତ ସୁଖମୟ ଜୀବନର ତୁଳନା କରି ତା' ହୃଦୟ ଫାଟି ପଡ଼ିଲା। ଗମ୍ଭୀର ଖେଦରେ କହିଲା—"ଲକ୍ଷ୍ମୀ, ଶାସ୍ତର ଖାଲି ଆମ ମାଇକିନିଆଙ୍କ ସକାଶେ। ହିନ୍ଦୁ କୁଳରେ ଶାସ୍ତର ଖାଲି ଆମ ବେକରେ ଛୁରୀ—"

ସଞ୍ଜ ବୁଡ଼ିଲାରୁ ଦିହେଁ ଉଠି ଘରକୁ ଗଲେ।

## ୧

# ଚନ୍ଦ୍ରୋଦୟ ।

ପିତାଙ୍କ ଇଚ୍ଛାନୁସାରେ ବି. ଏ. ପାଶ କରି ଏମ୍. ଏ., ବି. ଏଲ ପଢ଼ୁଥିଲେ ସୁଦ୍ଧା ଭବିଷ୍ୟତ ଓକାଲତି ଆଡକୁ ଚନ୍ଦ୍ରୋଦୟର ତ ଆଦୌ ମନ ନ ଥିଲା; 'ମିଛର ବ୍ୟବସାୟ' କହି ନାକ ଟେକୁଥିଲା । ତାହାର ଇଚ୍ଛା ଥିଲା, ସେ ଉନ୍ନତ ହେବ, ଦେଶର ହିତାର୍ଥେ, ସମାଜର ସଂସ୍କାରାର୍ଥେ ଜୀବନ ଦେବ । ବାଲେଶ୍ୱରର ନାମଜାଦା ଓକିଲ ଆଉ ଜମିଦାର ଅଭୟଚନ୍ଦ୍ରଙ୍କ ଏକମାତ୍ର ପୁତ୍ର, ଧନର ଅଭାବ ନ ଥିଲା, ଜ୍ଞାନରେ ମଧ୍ୟ ଊଣା ନ ଥିଲା । ସଙ୍ଗକୁ ମିଳିଥିଲେ ସଦ୍‌ଗୁରୁ ସ୍ୱାମୀ ସଦାନନ୍ଦ ।

ସଦାନନ୍ଦଙ୍କ ଘର ଗଡ଼ଜାତ ଆଡ଼େ । ଜାତି ଯେ ତାଙ୍କର କଣ ଥିଲା, ତାଙ୍କର ପୂର୍ବନାମ କଣ ଇତ୍ୟାଦି କେହି କିଛି ଜାଣି ନ ଥିଲେ । କେବଳ ଲୋକେ ଜାଣିଥିଲେ, ସେ ଜଣେ ଓଡ଼ିଆ ଅଲେଖ ଧର୍ମବାଦୀ ଏବଂ ମହାଭକ୍ତ, ମହାତ୍ୟାଗୀ ଓ ମହାଜ୍ଞାନୀ । ଭାରତର ସମଗ୍ର ତୀର୍ଥ ସେ ବୁଲିଥିଲେ । ରାମକୃଷ୍ଣ ପରମ ହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କୁ ଦର୍ଶନ କରିଥିଲେ । ଶ୍ରୀଯୁକ୍ତ କେଶବଚନ୍ଦ୍ର ସେନଙ୍କ ସହିତ ତାଙ୍କର ଆଳାପ ଥିଲା । ବାଳ ଗଙ୍ଗାଧର ତିଳକଙ୍କ ସଙ୍ଗେ ସୌହାର୍ଦ୍ଦ୍ୟ ଲାଭ କରିଥିଲେ । ବର୍ତ୍ତମାନ ସେ ବୃଦ୍ଧ କିନ୍ତୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟରେ ଆଜି ମଧ୍ୟ ଯୌବନର ଶ୍ରୀ ଦେହରେ ବିଦ୍ୟମାନ ।

ଭାରତର ନବ ଯୁବକବର୍ଗଙ୍କୁ ଭାରତର ଅବସ୍ଥା କଣ, କି ଉପାୟରେ ତାହାର ଉନ୍ନତି ହେବ, କି କି ବିଷୟ ତ୍ୟାଗ କଲେ ଭାରତର ଅତୀତ ସ୍ୱର୍ଣ୍ଣ ଯୁଗ ଫେରି ଆସିବ, ସେ ସର୍ବଦା ପରମ

ଙ୍ଗ୍ରେଜି ଦ୍ୱାରେ ଶିକ୍ଷା ଦେଉଥିଲେ । ଓଡ଼ିଆ, ହିନ୍ଦି, ବଙ୍ଗଳା, ଇଂରାଜି ଓ ଉର୍ଦ୍ଦୁରେ ତାଙ୍କର ଅସାମାନ୍ୟ ଅଧିକାର ଥିଲା । ବେଦ ବେଦାନ୍ତବିତ୍ ପରମ ଦାର୍ଶନିକ ସଦାନନ୍ଦ, ଚନ୍ଦ୍ରଙ୍କୁ ସ୍ନେହରେ ପୁତ୍ରରୂପେ ଗ୍ରହଣ କରି ଓଡ଼ିଶାର ଉନ୍ନତି ସକାଶେ ପ୍ରସ୍ତୁତ କରିବାକୁ ଲାଗିଲେ ।

ଗୁରୁଙ୍କ ଅମୂଲ୍ୟ ଉପଦେଶ ଫଳରେ, "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଏହି ମହାବାକ୍ୟ ଚନ୍ଦ୍ରୋଦୟଙ୍କର ହୃଦୟର ମର୍ମସ୍ଥଳରେ ଖୋଦିତ ହୋଇଗଲା। ଚନ୍ଦ୍ର ଯଦ୍ୟପି କଲିକତାର ଭବାନୀପୁର କଲେଜ ମେସ୍‌ରେ ରହୁଥିଲେ ତଥାପି ସଦାନନ୍ଦଙ୍କ ନିର୍ଦ୍ଦେଶାନୁସାରେ ଜୀବନ ଯାପନ କରୁଥିଲେ । କ୍ରମେ କ୍ରମେ ଗୁରୁଙ୍କ ପ୍ରଭାବରେ ଚନ୍ଦ୍ରୋଦୟଙ୍କ ଜୀବନରୁ ଅଜ୍ଞାନ-କୁସଂସ୍କାରର ଯବନିକା ଉତ୍ତୋଳିତ ହେଲା । ସେ ଦେଶସେବାର୍ଥେ ପ୍ରାଣବଳି ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଲେ । ନିରର୍ଥକ ବି. ଏଲ୍ ପାଇଁ ପ୍ରସ୍ତୁତ ନ ହୋଇ କଲେଜ ଛାଡିବାର ହିଁ ସ୍ଥିର କଲେ । ପିତାଙ୍କୁ ଉକ୍ତ ବିଷୟ ଜଣାଇ ପତ୍ର ଲେଖିଲେ । ଅଭୟଚନ୍ଦ୍ରଙ୍କ ମସ୍ତକରେ ବଜ୍ରାଘାତ ହେଲା ।

ଆତ୍ମବାସନା ପିତୃପଦରେ ନିବେଦନ କରି ଚନ୍ଦ୍ର ଗୃହ-ତ୍ୟାଗ କଲେ । ସଦାନନ୍ଦ ତାଙ୍କୁ ସଙ୍ଗେ ସଙ୍ଗେ ଘେନି ଓଡିଶାର ବିଭିନ୍ନାଞ୍ଚଳ ଦର୍ଶନାର୍ଥେ ବାହାରିଲେ ।

ସେ ବର୍ଷ ଓଡିଶାର ଅବସ୍ଥା ଯେପରି ହୋଇଥିଲା, ଊଣାଧିକ ୧୦ । ୧୨ ବର୍ଷ ମଧ୍ୟରେ ଏପରି କେବେହେଁ ହୋଇ ନଥିଲା । ଏକେ ତ ସମୟରେ ବର୍ଷା ହେଲା ନାହିଁ । ଧାନଗଛ ଠିଆ ଠିଆ କ୍ଷେତରେ ଝାଉଁଳି ଗଲା । ଶ୍ରାବଣ ମାସରେ କ୍ଷେତରେ ନଡ଼ିଆ ଭାଙ୍ଗିଲା । ଦ୍ୱିତୀୟରେ ଅସମୟରେ ଭାଦ୍ର ଆଶ୍ୱିନ ମାସ-

ଅତଏବ ସମ୍ବଲପୁର ଜିଲ୍ଲାରେ ଘୋର ବର୍ଷା ହୋଇ ସବୁ ନଦୀଯାକ ଏକୂଳ ସେକୂଳ ଖାଇଲେ । ଉଲହଟି ଜିଲ୍ଲା ଆଉ ଦକ୍ଷିଣଆଡେ ସବୁ ଦେଶ ବଢ଼ିରେ ଭାସିଲା । ରେଲ ଲାଇନ ଭାଙ୍ଗିଲା । ରଥଯାତ୍ରା ବେଳେ ପୁରୀରେ ଔଲାଉଠା ଆରମ୍ଭ ହୋଇ ଦେଶମୟ ବ୍ୟାପିଲା । ଭୀଷଣ ଦୁର୍ଭିକ୍ଷ, ଭୟଙ୍କର ମହାମାରୀ; ଏକାନ୍ତ ଆଶ୍ରୟହୀନତା ଯୋଗୁଁ ଲକ୍ଷ ଲକ୍ଷ ଓଡ଼ିଆ ଦେଶ ଛାଡ଼ି ପଳାଇଲେ । କୁଲି ଡିପୋ ପ୍ରତିଦିନ ୨୦୦ । ୪୦୦ କୁଲି ଆସାମ, ଡାରଜିଲିଂ ଇତ୍ୟାଦି ସ୍ଥାନମାନଙ୍କରେ ଚାହା ବଗିଚାରେ କାମ କରିବାକୁ ଚାଲାଣ ଦେଲା । ଅଧିକାଂଶ ସ୍ତ୍ରୀ କୁପଥଗାମିନୀ ହୋଇ କଲିକତା, ମାନ୍ଦ୍ରାଜ ଆଡ଼େ ବାହାରିଗଲେ । କେତେ କେତେ ଲୋକ ମଜୁରୀ ଖଟିବାକୁ ବ୍ରହ୍ମଦେଶ, ଶ୍ୟାମ, ମାଲୟ, ପିନାଙ୍ଗ ଇତ୍ୟାଦି ଆଡେ ଛତ୍ରଭଙ୍ଗ ହେଲେ । ବୃଦ୍ଧ, ସାମର୍ଥ୍ୟହୀନ, ଅନାଥ ମାନେ ଦେଶରେ ପଡ଼ି ରହି, ଅନାହାର, ଅର୍ଦ୍ଧାହାର ଫଳରେ ନାନାଦି ରୋଗରେ ମରିବାକୁ ଲାଗିଲେ । ଓଡ଼ିଶା ଶ୍ମଶାନତୁଲ୍ୟ ହେବାକୁ ବସିଲା । ଉପେନ୍ଦ୍ର, ଯଯାତି, ବୀର, ଅନଙ୍ଗଭୀମଙ୍କ ଦେଶରେ କେବଳ "ହା ଅନ୍ନ ! ହା ଅନ୍ନ !" ଶୁଭିଲା । ବିଦେଶରେ ଓଡ଼ିଆ ହେଲେ କୁଲି ଜାତି । କଳିଙ୍ଗର ଗୌରବମୟ ନାମ ପରିବର୍ତ୍ତେ ତାଙ୍କର ପୂର୍ବପୁରୁଷ-ବିଜିତ ଜାଭା, ବାଲି, ବୋର୍ଣ୍ଣିଓ, ଶ୍ୟାମ, ପିନାଙ୍ଗରେ ଓଡ଼ିଆ ହେଲେ ରେଲ୍ ଲାଇନରେ କୁଲି, କଳକାରଖାନାରେ ମଜୁରିଆ, କଲିକତାରେ ହେଲେ ବାବୁଘରେ ପୂଝାରୀ, ନୋହିଲେ ଷ୍ଟେସନ୍ ବା ଷ୍ଟିମର ଘାଟରେ ମୋଟିଆ ।

ସଦାନନ୍ଦଙ୍କ ଓଡ଼ିଆ ପ୍ରାଣରେ ଏହା ବଡ଼ ବାଧିଲା । ସେ ଓଡ଼ିଶାର ସଂସ୍କାର ସକାଶେ ଅଣ୍ଟା ଭିଡ଼ି ଠିଆ ହେଲେ । ସମ୍ବଲ-

ସ୍ୱରୂପ ଥିଲା ନାଳର ଅତୁଳନୀୟ ଦେଶପ୍ରେମ, ସ୍ୱାର୍ଥତ୍ୟାଗ, ଧର୍ମବଳ ଓ ବୈଦେଶିକପ୍ରଭୃତ୍ତ ସଦ୍ଭାବ୍ୟ ।

ବିପିନ ବିହାରୀ ଘୋଷ କଲିକତାର ଯେପରି ଜଣେ ପ୍ରଖ୍ୟାତ-ନାମା ଶିକ୍ଷକ, ସେହିପରି ଉଦାରମନା । ତାଙ୍କର ଅଗାଧ ସମ୍ପତ୍ତି ଏବଂ ସନ୍ତାନ ମଧ୍ୟରେ ଗୋଟିଏ ମାତ୍ର କନ୍ୟା । କନ୍ୟାଟିର ମଧ୍ୟ ଧନୀ ଗୃହରେ ବିବାହ ହୋଇଥିଲା । ସେଥିପାଇଁ ତାଙ୍କର ଆଉ ବିଶେଷ କିଛି ଭାବନା ନ ଥିଲା । ଗ୍ରିଶ ବର୍ଷ ତଳେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା । ସୁଯୋଗ୍ୟ ସହଧର୍ମିଣୀଙ୍କୁ ହରାଇ ଦ୍ୱିତୀୟ-ଦାର ପରିଗ୍ରହର ଆଉ ଇଚ୍ଛା କଲେ ନାହିଁ । ବୁଢା ଶିକ୍ଷା କରନ୍ତି, ଖବର କାଗଜ ପଢ଼ନ୍ତି, ଦେଶ ଓ ବିଦେଶର ହିତ କଥା ଭାବନ୍ତି । ସମ୍ପ୍ରତି ଦୁଇ ବର୍ଷ ହେଲା ସ୍ୱାମୀ ସଦାନନ୍ଦଙ୍କର ସେ ମନ୍ତ୍ରଶିଷ୍ୟତ୍ୱ ଗ୍ରହଣ କରି ଅଲେଖ ନିରଞ୍ଜନଙ୍କର ଉପାସକ ହୋଇଅଛନ୍ତି ।

ସନ୍ଧ୍ୟାବେଳେ ଖାସ୍ କାମରାରେ ଗୁରୁଶିଷ୍ୟଙ୍କର ନିମ୍ନଲିଖିତ କଥୋପକଥନ ହେଲା ।

ଗୁରୁ—ଆଉ କାହିଁରେ ମଜିଛ ? ସଂସାରର ବନ୍ଧନ କନ୍ୟାଙ୍କୁ ସତ୍ପାତ୍ରସ୍ଥ କରି ସାରିଲଣି । ତିନୋଟି ଦୌହିତ୍ରର ମୁଖ ଦର୍ଶନ ଘଟିଲାଣି । ଏସମୟରେ ସଂସାରର ତ୍ୟାଗହିଁ ତୁମ୍ଭର ଶ୍ରେୟଃ । ପୂର୍ବକାଳରେ ଏ ବୟସରେ ଭାରତୀୟମାନେ ବାନପ୍ରସ୍ଥ ଅବଲମ୍ବନ କରି ଭଗବତ୍ ଚିନ୍ତାରେ ସମୟ କଟାଉଥିଲେ । ଆଜି ଭାରତ ବିଶାଳ ଅରଣ୍ୟ । ଏହାର ସର୍ବାଙ୍ଗ କୁସଂସ୍କାର-ଅନ୍ଧକାର ସମାଚ୍ଛନ୍ନ । ଏ ସମୟରେ ତୁମ୍ଭର ଅଗାଧ ସମ୍ପତ୍ତି, ଅସୀମ ଜ୍ଞାନର ସଦ୍ବ୍ୟବହାର କର ।

ଶିଷ୍ୟ ନତ ମସ୍ତକରେ ଗୁରୁଙ୍କୁ ପ୍ରଣାମ କରି ଚରଣ ଧୂଳି ଗ୍ରହଣପୂର୍ବକ କହିଲେ—"ପିତଃ ! ଆପଣଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରିବାକୁ ସେବକ ସଦା ପ୍ରସ୍ତୁତ ଅଛି । ଶ୍ରୀ ଶ୍ରୀମୁଖରୁ ଆଜ୍ଞା ହେଉ ।"

ଗୁରୁ ଖଣ୍ଡିଏ ସମ୍ବାଦପତ୍ର ଶିଷ୍ୟ ହସ୍ତରେ ପ୍ରଦାନ କରି ଉତ୍କଳର ବର୍ତ୍ତମାନ ଦୁର୍ଦ୍ଦଶା ବିଷୟ ବୁଝାଇ କହିଲେ:—"ଭାରତ-ମାତାର ଗୋଟିଏ ଅଙ୍ଗରେ ପୀଡ଼ା ହେଲେ, ଅନ୍ୟ ଅଙ୍ଗକୁ ବାଧିବ ନାହିଁ କି ? ଉତ୍କଳ ଭଗିନୀର ଦୁର୍ଦ୍ଦଶାରେ ବଙ୍ଗ ଭଗିନୀର ହୃଦୟ ବିଦୀର୍ଣ୍ଣ ହେବ ନାହିଁ କି ? ତୁମ୍ଭେ ବଙ୍ଗାଳୀ ବୋଲି କି ଓଡ଼ିଆ ସକାଶେ ତୁମ୍ଭ ହୃଦୟ ବ୍ୟଥିତ ହେବ ନାହିଁ ?"

"ଅବଶ୍ୟ ହେବ" ଏହା କହି ବିପିନ ବାବୁ କିଛିକ୍ଷଣ ପରେ କହିଲେ, "ପିତଃ, ଏ ଦାସ କଣ କରିବ ?"

ଗୁରୁ—କେବଳ ଅଧୁନା ତୁମ୍ଭର ପୂର୍ଣ୍ଣ ସହାନୁଭୂତି ପ୍ରୟୋ-ଜନ । ଭବିଷ୍ୟତରେ ତୁମ୍ଭର କର୍ତ୍ତବ୍ୟ କଣ ତାହା ଜଣାଇବି ?

ଏହା କହି ଗୁରୁ ପ୍ରଭୁଙ୍କ ନାମ ଉଚ୍ଚାରଣ କରୁ କରୁ ବାହାରି ଚାଲିଗଲେ ।

ଓଡ଼ିଶାର କଥା ଚିନ୍ତା କରି ବିପିନ ଦୁଃଖିତ କଣ୍ଠରେ କହିଲେ—"ଏଡ଼େ ବଡ ଜାତି ଆଜି ମାଟି କାମୁଡ଼ିଲେ । ହା ଭଗବାନ୍ ! ଭାରତ ଭାଗ୍ୟରେ କି ଏହାହିଁ ଲେଖିଛ ?" ତାଙ୍କର ଆଖିରୁ ଅଶ୍ରୁ ଝରିଲା ।

## ୩
## ବାଲବିଧବା

ଲକ୍ଷ୍ମୀର ପିତା ଅଚ୍ୟୁତ ମିଶ୍ରଙ୍କର ଗୃହ ସ୍ତ୍ରୀ । ତଥାପି ତାଙ୍କର ଚରିତ୍ର ନିଷ୍କଳଙ୍କ ନଥିଲା । ଯୌବନର ଉନ୍ମାଦ ଉଚ୍ଛୃଙ୍ଖଳତାର ଫଳସ୍ୱରୂପ ସନ୍ତାନ ସୁଖରୁ ବଞ୍ଚିତ ହୋଇଥିଲେ । ବହୁ କଷ୍ଟରେ ଅନେକ ଔଷଧାଦି ସେବନ ପରେ କେବଳ ମାତ୍ର ଲକ୍ଷ୍ମୀର ଜନ୍ମ ହେଲା । ଦେହରେ ନାନାଦି ରୋଗର ଆବିର୍ଭାବ ହେତୁ ଅକାଳ ବାର୍ଦ୍ଧକ୍ୟ ଦେଖା ଦେଲା । ଏ ସମୟରେ ଆଦର ଦୁଲଣୀ ଲକ୍ଷ୍ମୀ ବିଧବା ହେଲା । ଏ ଶୋକ ଉପଶମ ନ ହେଉଣୁ କମଳାର ମୃତ୍ୟୁ ହେଲା । ମିଶ୍ରେ ବଡ଼ ଆଘାତ ପାଇଲେ; ଆଘାତର ଉପଶମାର୍ଥ ତୀର୍ଥ ଯାତ୍ରା ଛଳରେ ଦେଶ ବୁଲି ବାହାରିଲେ ।

କଥାରେ କହନ୍ତି, "ଯୋ ଅଭ୍ୟସେ ବିଗଡ଼ା, ଓ କଭି ନାହିଁ ସୁଧରା ।" କନ୍ୟାର ବୈଧବ୍ୟ, ପତ୍ନୀର ମୃତ୍ୟୁ ଇତ୍ୟାଦି ମିଶ୍ରଙ୍କ ହୃଦୟରେ ସାମୟିକ ଆଘାତ କରିଥିଲା ମାତ୍ର । କିଛିକାଳ ଅନ୍ତେ ତାଙ୍କର ପୂର୍ବ ରୂପ ପ୍ରକାଶ ପାଇଲା ।

ପିତୃଚରିତ୍ର ଲକ୍ଷ୍ମୀ ସମକ୍ଷରେ ଗୋପନ ନ ଥିଲା । ଯଦ୍ୟପି ମିଶ୍ରେ ଦୁଇ ଘଣ୍ଟା ପୂଜା କରୁଥିଲେ, ନାମର ମାଳୀ ଘେନୁଥିଲେ, ଗେରୁଆ ବସ୍ତ୍ର ପିନ୍ଧୁଥିଲେ, ପ୍ରତ୍ୟେକ କଥାରେ 'ହରି ହରି ଶିବ ଶିବ' ହେଉଥିଲେ; ବିଧବାର ସର୍ବସ୍ୱ ହରଣ ବେଳକୁ; କୃଷକର ସର୍ବସ୍ୱ ଗ୍ରାସକଲା ବେଳକୁ; ଖାତକର ଖାତାରେ ଚକ୍ରବୃଦ୍ଧି ସୁଧ କଷିଲା ବେଳକୁ ତାଙ୍କ ଧର୍ମଟି "ଧ" ଅକ୍ଷରରେ ପର୍ଯ୍ୟବସିତ ହେଉଥିଲା । ଯାହାକୁ ଧରୁଥିଲେ, ଅଷ୍ଟପଦୀର ନାଗପାଶରେ ଧରୁଥିଲେ । ଛିଣ୍ଡି ଚିପି, ରକ୍ତ ଶୋଷି ତେବେ ଛାଡୁଥିଲେ । ଅନ୍ତରେ କିଛି କହି

ନ ପାରିଲେ ସୁଦ୍ଧା "ଅରେ ତୁ ନିର୍ବଂଶୀୟା ହ'ରେ, ପାଣି ଟୋପିଏ ମୁହଁରେ ଦେବାକୁ କେହି ନ ଥାଉରେ;" ସହସ୍ର ହୃଦୟରୁ ମହା-ଦୁଃଖରେ ଉଚ୍ଚାରିତ ମର୍ମଭେଦୀ ବାଣୀ ତାଙ୍କର ମସ୍ତକରେ ବର୍ଷୁଥିଲା । ନିଦର୍ଶନ ସ୍ୱରୂପ ବାଲବିଧବା କନ୍ୟାଟି ସମସ୍ତଙ୍କର ଠାହୁଲୀର ପାତ୍ରୀ ହେଲା । ପିତୃପାପର ପ୍ରାୟଶ୍ଚିତ୍ତ ତୁଲ୍ୟ ନବୋଦ୍ଭିନ୍ନ ଯୌବନର ଅପାର ସୌନ୍ଦର୍ଯ୍ୟ, ଅତୁଳନୀୟ ମାଧୁର୍ଯ୍ୟ; ଦରଫୁଟ କୁସୁମର ନବ-ଶିଶିର-ବିନ୍ଦୁ ଭୂଷିତ ସୁଷମା ଘେନି ପରମ ଗୁଣବତୀ ଲକ୍ଷ୍ମୀ ପିତୃ-ସଦନରେ କାଳ କାଟିଲା ।

କିନ୍ତୁ କାଳ କି କାଟି ପାରୁଥିଲା ? ନବ କିଶଳୟ-ଦଳରେ କାହାର ଅଭିରୁଚି ନ ହୁଏ; ନବ କୋରକର ମନ୍ଦ ବିକାଶ କିଏ ସ୍ନେହ ଚକ୍ଷୁରେ ନ ଦେଖେ ? ମିଶ୍ରଙ୍କ ପରିବାରର ଯୁବକବର୍ଗ ପତିହୀନା ଲକ୍ଷ୍ମୀକୁ ସେହି ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ଲକ୍ଷ୍ମୀ ବିଧବା, ଅଥଚ ରୂପବତୀ । ତାହାର କୃଷ୍ଣବର୍ଣ୍ଣରେ ଗୋଟିଏ ସ୍ନିଗ୍ଧ, ମଧୁର ପ୍ରଶାନ୍ତ ସୌମ୍ୟ ଭାବ ସମସ୍ତଙ୍କୁ ତା' ପ୍ରତି ଆକୃଷ୍ଟ କଲା । ଲକ୍ଷ୍ମୀ ବିଧବା, ଅର୍ଥାତ୍ ନାୱାରିସ୍ । ତାହାର ଯୌବନ, ତାହାର ହୃଦୟ, ତାହାର ସୌନ୍ଦର୍ଯ୍ୟ ଦାବି କରିବାକୁ, ଆପଣାର ବୋଲିବାକୁ ତ୍ରିଭୁବନରେ କେହି ନାହିଁ । ଶ୍ୟାମସୁନ୍ଦର, ନବଘନ, କେଦାରନାଥ, କମଳାକାନ୍ତ କିପାଁ ତାକୁ ଅତୃପ୍ତ-ନୟନରେ ନ ଦେଖିବେ ? ତାଙ୍କର ଦୋଷ କଣ ? କାଳୀର ଏତେ ରୂପ ! କାଳୀ ପ୍ରତିମାଟି ସତେ ଯେପରି ଦ୍ୱାପରର ଦ୍ରୌପଦୀ !

ଲକ୍ଷ୍ମୀ ନିଜର ଅବସ୍ଥା ବୁଝିଲା । ବୁଝି କାନ୍ଦିଲା । ଯଦି ବିଧାତା ତାକୁ ବିଧବା କଲା, ଅସାମାନ୍ୟ ରୂପର ଅଧିକାରିଣୀ କିପାଁ କଲା ? ପୁଣି ଏ ଦୁର୍ଦ୍ଦଶାରେ ସହାୟସ୍ୱରୂପ ମାତ୍ର ଅଞ୍ଚଳଟି ମଧ୍ୟ ଛିନ୍ନ କଲା ।

ବିମାତାଙ୍କ ସ୍ନେହମଧ୍ୟରେ ପ୍ରଚ୍ଛନ୍ନ ହିଂସାର ହଳାହଳ ସେ ବୁଝିଥିଲା, କିନ୍ତୁ ସେ କଣ କରିବ ? ବିଶାଳ ସଂସାରରେ ତା' ଦୁଃଖରେ ଭାଗୀ କିଏ ହେବ ? ସମସ୍ତେ ଯେ ତାହାର ଶତ୍ରୁ । ତାହାର ପିତାର ଅଗାଧ ସମ୍ପତ୍ତି । ସମ୍ପତ୍ତି କଣ କରି ନ ପାରେ ? କିନ୍ତୁ ଲକ୍ଷ୍ମୀ-ଜୀବନରେ ସମ୍ପଦର ପ୍ରୟୋଜନ ନ ଥିଲା । ଏକବେଳା ହବିଷ୍ୟାନ୍ନ, ଛେଣ୍ଡା ଲୁଗା ଖଣ୍ଡେ ଯାହାର ସମ୍ବଳ, ସେ ସମ୍ପତ୍ତି ଭୋଗ କରିବ କଣ ? ବିଶାଳ ପରିବାର ମଧ୍ୟରେ ଲକ୍ଷ୍ମୀ ଆଜି ଘୋର ଏକାକିନୀ ।

ସୀତା, ସାବିତ୍ରୀଙ୍କ ଚରିତ୍ର ସେ ପାଠ କରିଥିଲା; ତାଙ୍କ ତୁଲ୍ୟ ପତିବ୍ରତା ହେବାକୁ ତାହାର ମନ ବଳିଲା । କିନ୍ତୁ ପତିଙ୍କୁ ସ୍ମରଣ ହେଲ ନାହିଁ । ଥରେ ଶିଶୁକାଳେ ପିତାମ୍ବରକୁ ଦେଖିଥିଲା; ତାହାର ରୂପ ତ ଆଉ ସ୍ମରଣ ନ ଥିଲା । ତାହା ସହିତ ନିଜର ବିବାହ ହୋଇଛି; ଏତିକି ମାତ୍ର ଜାଣିଥିଲେହେଁ ବିବାହ ଯେ କେଉଁ-ବେଳେ ସେ କିପରି କରିଥିଲା, କିଛି ମନେ ପଡ଼ିଲା ନାହିଁ । ତାହାର ମନେ ହେଲା; କେଉଁଗୁଡ଼ିଏ କୁଳାଚାରର ବଜ୍ରବନ୍ଧ-ନରେ ସେ ଆଜି ଶୃଙ୍ଖଳିତା । ଟିକିଏ ହଲଚଲ ହେବାର ଉପାୟ ନାହିଁ । ଅଥଚ କିପା ଏପରି ହେଲା; ଜଗତ କଛରେ ସେ କି ଦୋଷ କରିଥିଲା; ତାହା ତାହାର କ୍ଷୁଦ୍ର ହୃଦୟର ଅନୁଭୂତିକୁ ଆସିଲା ନାହିଁ । ହାୟ ବାଳବିଧବା ! ତୁ ଆଜି ବ୍ରହ୍ମଚାରିଣୀ; ହବିଷ୍ୟ ପରାୟଣା । ଆଉ ତୋହର ବୃଦ୍ଧ ପିତା ସ୍ତ୍ରୀକୁ ନେଇ ଆମୋଦ ପ୍ରମୋଦ-ନିରତ । ପାପର ଭୀଷଣ ନରକ ସ୍ରୋତରେ ଚୌଦ ବର୍ଷ ବୟସ୍କା ବାଳିକାକୁ ଶାସ୍ତ୍ର-ବନ୍ଧନରେ ବାନ୍ଧି ଡିଙ୍ଗିବନ୍ଧ କରିଛ; ଆଉ ସମାଜପତି ବୃଦ୍ଧ ଯେ ତୁମ୍ଭେ, ତୁମ୍ଭେ ପାଦଙ୍ଗୀର ରୂପ ମୋହରେ ଭାସୁଛ । ତୁମ୍ଭ ଅଙ୍ଗରେ ଚନ୍ଦନ ଅତର; ପାନବୋଳରେ ଓଠ ପାଚିଛି; ମାଣିଆବନ୍ଧ, ଠେସର ଯୋଡ଼ି ନ ହେଲେ ତୁମର

ଚଳୁ ନାହିଁ । ଅଥଚ ତୁମର ଯୁବତୀ କନ୍ୟା ତୁମର ଆଗରେ ନିରାଭରଣା, ମ୍ଳାନମୁଖୀ, ଚେଛିଦା ପିନ୍ଧି ବୁଲୁଛନ୍ତି ।

ଆଜ୍ ହେ ମାତା ! ନିଜେ ବୃଦ୍ଧ ବୟସରେ ପାଟଆ, ସିନ୍ଦୂର, ମହଣ, କଜ୍ଜ୍ୱଳ, ଅଳତା ଛାଡ଼ ନାହିଁ । ପାନ ରଙ୍ଗରେ ଅଧର ରଙ୍ଗାଉଛ; ହାତ ପଚେଙ୍ଗା, ହଳଦୀ କାଠୁଆ, ତେଲ ଫରୁଆ ନ ହେଲେ ଗାଧୁଆ ଚଳୁନାହିଁ; ସର୍ବାଙ୍ଗ ଅଳଙ୍କାରର ମଧୁର ରୁଣୁଝୁଣୁରେ ଭରପୂର । ତୁମର କଡରେ ଠିଆ ହୋଇଥିବା ବିଧବା ଝିଅଟିର ହୃଦୟଭେଦୀ ଦୀର୍ଘ ନିଃଶ୍ୱାସ ତୁମ୍ଭଙ୍କୁ ଶୁଭୁନାହିଁ କି ? ଆଖି ପତାରୁ ଓହଳିଥିବା ଲୁହ ଟୋପିକ ତୁମ ଆଖିକୁ ଦିଶୁନାହିଁ କି ?

ହେ କ୍ରୂର କୁଳକାମିନୀବର୍ଗ ! ତୁମ୍ଭେ କିପରି ଗ୍ରାସବେଳା ଗ୍ରାସ କଂସା ଭାତ ଧରି ଖାଉଛ ? ସୋଦ୍ଧମାଛ, ଇଲିସି ଶୁଖୁଆ, ଭାମଡ଼ା ପୋଡ଼ା ନ ହେଲେ ଭାତ ରୁଚୁନାହିଁ । ଅଥଚ ତୁମର ନଣନ୍ଦଟି, ତୁମର ଭାଉଜଟି ବେଳାଏ ଅରୁଆ ମୁଠାକୁ ସମ୍ବଳ କରି ପଡ଼ିଛନ୍ତି । ନିର୍ଦ୍ଦୟ ସମାଜ ? ହସ ନାହିଁ । ରୋଦନ କର । ତୁମ ଉପରେ ଦଶ ଲକ୍ଷ ବିଧବାର କୋଡ଼ିଏ ଲକ୍ଷ ଆଖିର ଲୁହ ଝରୁଛି । ଧରି ରଖିଲେ ମହାନଦୀ ପୂରି ଯିବଟି ।

---

୪

## ସେବକ ସଂଘର କାର୍ଯ୍ୟ

କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସ୍ୱଗୃହ ଉଜାଗାପଞ୍ଚମ୍ଟରେ ଥିଲେ ସୁଦ୍ଧା, ସେ ସମଗ୍ର ମନପ୍ରାଣ ସହିତ ଓଡିଆକୁ ଭଲ ପାଉଥିଲେ, କାରଣ ତାଙ୍କ ଶିରପ୍ରଶିରାରେ ଓଡ଼ିଆ ରକ୍ତ ବୋହୁଥିଲା । ତାଙ୍କ ଦେଶ

ଅଧୁନିକ ଉତ୍କଳ ସହିତ ଏକ ପ୍ରଦେଶାଧୀନ ନ ହେଲେହେଁ ପ୍ରାକୃତିକ ଉତ୍କଳହିଁ ତାଙ୍କର ଜନ୍ମଭୂମି ଥିଲା । ସେ ନିଖିଳ ଉତ୍କଳ ଧରଣୀକୁ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଚକ୍ଷୁରେ ଦେଖୁଥିଲେ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଏମ୍. ଏ. ଉପାଧିରେ ଭୂଷିତ ହୋଇ କିଛିକାଳ ପ୍ରଫେସର କଲା ପରେ ତାଙ୍କର ହଠାତ୍ ମନ ପରିବର୍ତ୍ତିତ ହୋଇଗଲା । ଚାକିରିର ଗୋଲାମିଟିକୁ ତ୍ୟାଗ କରି ସେ ବ୍ରହ୍ମପୁରରେ ରହି ସ୍ୱାଧୀନ ଭାବେ ଜୀବିକାର୍ଜ୍ଜନର ଚେଷ୍ଟା କଲେ ।

ସ୍ୱୟଂ ଧନୀ ଥିବାରୁ କି ଉପାୟରେ ଦେଶର ହିତ କରିବେ, ଏହି ଚିନ୍ତା ସର୍ବଦା ତାଙ୍କ ହୃଦୟରେ ଖେଳି ବୁଲିଲା । ଶେଷକୁ ଅନେକ ଭାବି ଚିନ୍ତି ସାହିତ୍ୟ ବ୍ୟବସାୟ ପ୍ରତି ତାଙ୍କର ସ୍ପୃହା ହେଲା । ସେ ନିଜେ ଜଣେ ସାହିତ୍ୟସେବୀ ଏବଂ ଓଡ଼ିଆ ଭାଷା ପ୍ରତି ତାଙ୍କର ଅସାଧାରଣ ପ୍ରୀତି ଥିଲା । ଯେଉଁ ଦେଶର ସାହିତ୍ୟ ଯେତିକି ଉନ୍ନତ, ସେ ଦେଶର ଲୋକେ ସେତିକି ଉନ୍ନତ—ଏହି ଭାବ ଘେନି ସେ କାର୍ଯ୍ୟକ୍ଷେତ୍ରରେ ପଦାର୍ପଣ କଲେ ।ପ୍ରଥମେ ବ୍ରହ୍ମପୁରରେ ନିଜର ଯୋଗ୍ୟ ସହଧର୍ମ୍ମିଣୀ ସରସ୍ୱତୀଙ୍କ ନାମରେ ଗୋଟିଏ ଛାପାଖାନା ଖୋଲି "ଜାଗରଣ" ନାମକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ପତ୍ରିକା ନାନାବିଧ ସୁଚିନ୍ତିତ ପ୍ରବନ୍ଧାଦିରେ ପୂର୍ଣ୍ଣ ହେଉଥିଲା । ସ୍ଥାନୀୟ ସମ୍ବାଦ ଛଡ଼ା ଉତ୍କଳର ନବ ଜାଗରଣ ବିଷୟହିଁ ତାହାର ପ୍ରଧାନ ଆଲୋଚ୍ୟ ବିଷୟ ହେଲା । ଉତ୍କଳର ନବଯୁବକମାନଙ୍କର କର୍ତ୍ତବ୍ୟ କଣ, ଏହି ବିଷୟ ଘେନି ସ୍ୱାମୀ ସଦାନନ୍ଦ ସର୍ବଦା ସେହି ପତ୍ରିକାରେ ଲେଖୁଥିଲେ । ତାଙ୍କର ଅମୃତମୟୀ ଲେଖନୀର ପ୍ରାଣସ୍ପର୍ଶୀ ରଚନା ଫଳରେ, ଅଚିରେ ଗଞ୍ଜାମରେ ନବ ଯୁଗର ସୂଚନା ହେଲା । ଯୁବକମଣ୍ଡଳୀ ମଧ୍ୟରେ ଚାଞ୍ଚଲ୍ୟ ଦେଖାଗଲା । ସ୍ୱାମୀ

ସଦାନନ୍ଦ ମଧ୍ୟେ ମଧ୍ୟେ ଆସି, ବ୍ରହ୍ମପୁର, ଇଚ୍ଛାପୁର, ଜୟପୁର, ପାରଳା, ଟିକାଲି, ମଞ୍ଜୁଷା ଇତ୍ୟାଦି ସ୍ଥାନମାନଙ୍କରେ ବୁଲି ବୁଲି ବକ୍ତୃତା ଦେଉଥିଲେ । ଧନୀ ସନ୍ତାନବର୍ଗ ପ୍ରତି, ଯେଉଁମାନଙ୍କର ନିତ୍ୟ ଅନ୍ନଚିନ୍ତା ନ ଥିବାରୁ ବିଳାସିତାର ଚରମ ସୀମାକୁ ଯାଉଥିଲେ, ତାଙ୍କର ବିଶେଷ ଦୃଷ୍ଟି ପଡ଼ିଲା । ସେହିମାନେ ଯେ ଦେଶର ସର୍ବବିଧ କାର୍ଯ୍ୟର ଅଗ୍ରଣୀ ହୋଇପାରିବେ, ଏହା ତାଙ୍କର ଦୃଢ଼ ବିଶ୍ୱାସ ଥିଲା ।

କେତେକ ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ କୃଷ୍ଣଚନ୍ଦ୍ର ପ୍ରମୁଖ ଉତ୍ସାହୀ ନବଯୁବକବର୍ଗଙ୍କୁ ଘେନି ଗୋଟିଏ ସ୍ୱେଚ୍ଛା ସେବକ ସଂଘ ସ୍ଥାପିତ ହେଲା । ସଂଘରେ ନିମ୍ନଲିଖିତ ନିର୍ଦ୍ଧାରଣମାନ ସ୍ଥିରୀକୃତ ହେଲା ।—

୧—ଯେଉଁମାନେ ଗ୍ରାସାଚ୍ଛାଦନର ସମ୍ପୂର୍ଣ୍ଣସଂସ୍ଥାନଥିବା ସତ୍ତ୍ୱେ କେବଳ ଦେଶପ୍ରେମ ପ୍ରଣୋଦିତ ହୋଇ ଦେଶ ମାତାର ସେବାରେ ଅଗ୍ରସର ହେବେ, ସେମାନେ ଏ ସଂଘର ସଭ୍ୟ ଶ୍ରେଣୀର ଯୋଗ୍ୟ ବିବେଚିତ ହେବେ ।

୨—ଓଡ଼ିଶାର ଶିଳ୍ପ, ବାଣିଜ୍ୟ, ସାହିତ୍ୟର ଉନ୍ନତି ଓ ନିଖିଳ ଉତ୍କଳର ଏକୀକରଣ, ଏ ସଂଘର ପ୍ରଧାନ ସାଧନାର ବିଷୟ ହେବ ।

୩—ସମାଜ ସଂସ୍କାର, ଜାତିଭେଦ ଦୂରୀକରଣ, ମାନବ ମାନବ ମଧ୍ୟରେ ପ୍ରୀତି ସଂସ୍ଥାପନ ଏବଂ ନାରୀ ଜାତିର ଉନ୍ନତି ସାଧନ ଏ ସଂଘର ମୁଖ୍ୟ ଉଦ୍ଦେଶ୍ୟ ହେବ ।

୪—ଈଶ୍ୱରଙ୍କ ନାମ ଘେନି ପ୍ରତିଜ୍ଞାପୂର୍ବକ ନିଜ ଚରିତ୍ରକୁ ଶୁଦ୍ଧ ରଖି, ସର୍ବପ୍ରକାର ନିଶା ସେବନରୁ ବିରତ ହୋଇ ସଂଘର ପ୍ରତ୍ୟେକ ସଭ୍ୟ ଆତ୍ମ କର୍ତ୍ତବ୍ୟ ପାଳନରେ ତତ୍ପର ହେବେ ।

ସଂଘର ଉପରୋକ୍ତ ନିର୍ଦ୍ଧାରଣ ଫଳରେ କେବଳ ଉତ୍ତେଜନାର ବଶବର୍ତ୍ତୀ ହୋଇ କେହୁ ସଭ୍ୟଶ୍ରେଣୀଭୁକ୍ତ ହୋଇ ପାରିଲେ ନାହିଁ । କତିପୟ ଧନିସନ୍ତାନମାନଙ୍କୁ ନେଇ ପ୍ରଥମେ ଗୋଟିଏ କ୍ଷୁଦ୍ର ମଣ୍ଡଳୀ ରଚିତ ହେଲା । କ୍ରମେ କ୍ରମେ ପ୍ରାକୃତିକ ଓଡ଼ିଶାର ବିଭିନ୍ନାଞ୍ଚଳରେ ଶାଖା ସଂଘମାନ ସ୍ଥାପିତ ହେଲା । ସ୍ୱାମୀ ସଦାନନ୍ଦ ସ୍ଥାୟୀ ସଭାପତି ଥିବାରୁ ସଂଘର ନିୟମକୁ ତିଳେ ମାତ୍ର ଶିଥିଳ ହେବାକୁ ଦେଉନଥିଲେ । କେହୁ ଯେପରି ବୃଥା ଉତ୍ତେଜନାର ବଶବର୍ତ୍ତୀ ହୋଇ ସଂଘରେ ପ୍ରବେଶ କରିନପାରେ, ଏଥିପ୍ରତି ତାଙ୍କର ତୀବ୍ର ଦୃଷ୍ଟିଥିଲା ।

ତାଙ୍କର ପ୍ରଗାଢ଼ ଅଧ୍ୟବସାୟ ଫଳରେ ଉତ୍କଳର ଧନୀ ଯୁବକ-ବର୍ଗ ମଧ୍ୟରେ ନବପ୍ରାଣ ସଞ୍ଚାରିତ ହେଲା । ଯେଉଁମାନେ ପିତୃପିତା-ମହ ଉପାର୍ଜ୍ଜିତ ବିପୁଳ ସମ୍ପତ୍ତି ଅସତ୍‌ପଥ ଓ ନିଶା ସେବନାଦିରେ ଅପବ୍ୟୟ କରୁଥିଲେ, ସେମାନେ ଭାବିଲେ ଦେଶ ଆଉ ଦଶର କଥା । ତାଙ୍କ ଅର୍ଥର ସଦ୍‌ବ୍ୟବହାର ହେଲା । ଶିଳ୍ପ, ବାଣିଜ୍ୟ, ସାହିତ୍ୟାଦିର ଉନ୍ନତି ସଂଘର ପ୍ରଧାନ ସାଧନାର ବିଷୟ ଥିବାରୁ ଯୁବକମାନେ ସେଆଡ଼କୁ ଦୃଷ୍ଟି ଫେରାଇଲେ ।

ସମ୍ବଲପୁରୀ ମଠାର ଆଦର ବଢ଼ିଲା, ଜୟପୁରୀ କଂସା ବାସନ ବଜାରରେ ବିକିତ ହେଲା । ଗଞ୍ଜାମ ଜିଲ୍ଲାଠାରେ ଯାକରେ କେଉଁଠି ସାବୁନ୍ କାରଖାନା, କେଉଁଠି କାଗଜକଳ, କାହିଁବା ବସ୍ତ୍ର ବୟନଶାଳା ସ୍ଥାପିତ ହେଲା । ପ୍ରତ୍ୟେକ ଗଡ଼ଜାତ ନିଜ ରାଜ୍ୟ ଉତ୍ପନ୍ନ ଶିଳ୍ପ ଓ ବାଣିଜ୍ୟ ଯୋଗ୍ୟ ପଦାର୍ଥମାନଙ୍କର ସଦ୍‌ବ୍ୟବହାର କରି-ବାକୁ ଲାଗିଲେ । ଯୁବକମାନଙ୍କର ଚରିତ୍ର ଦିନେ ଦିନେ ଉନ୍ନତ ହେଲା ।

ଭୁବନେଶ୍ୱରରେ କୃଷି ବିଦ୍ୟାଳୟ ସ୍ଥାପିତ ହେଲା । ପୁରୀ ଜିଲାରେ ମାଛ ଆଉ ଲୁଣର ବ୍ୟବସାୟ ଉପରେ ଭଲ ଚଳିବ, ଏହାଧେଇ ଅନେକ କାର୍ଯ୍ୟ ମଧ୍ୟ କରିଗଲେ । ବାଣପୁରର ଦିଆସିଲ୍ କାରଖାନାରୁ ଦିଆସିଲ୍ ଭିନ୍ନ ଅନ୍ୟ ଦିଆସିଲ୍ କେହି ବ୍ୟବହାର କଲେନାହିଁ । ମଧୁ ବାବୁଙ୍କ ଟାନେରି ଯୋତା ନହେଲେ ଓଡ଼ିଆ ଆପଣା ଗୋଡ଼ରେ ଅନ୍ୟ ଯୋତା ପୁରାଇଲେ ନାହିଁ । ମୟୂର-ଭଞ୍ଜର ହାତୀ ଦାନ୍ତର ଶଙ୍ଖା, କଟକର ରୂପା ସୁନା ଗହଣା, ବାମଡ଼ାର ଟୋଟି ପୋକର ସୂତାରୁ ପ୍ରସ୍ତୁତ ଲୁଗା ଓଡ଼ିଆ ରମଣୀର ଶ୍ରେଷ୍ଠ ଭୂଷଣ ହେଲା । ଚିନା-ସିନ୍ଦୂର ବଦଳରେ କୁଙ୍କୁମାଦି ଦେଶୀ ମସଲା ପ୍ରସ୍ତୁତ ପଦାର୍ଥହିଁ ନାରୀମାନେ ମୁଣ୍ଡରେ ଦେଲେ ।

ବଢ଼େଇ, କମାର, ତନ୍ତୀଙ୍କର ପେଟଜ୍ୱାଳା ଲିଭିଲା । ଆଖୁରୁ ଚିନି ତିଆରି କରି କପରି ଲାଭବାନ୍ ହେବେ, ତାହା ଶିଖିବା ସକାଶେ ଓଡ଼ିଆ ପୁଅମାନେ ଆମେରିକା ପର୍ଯ୍ୟନ୍ତ ଗଲେ । ଉତ୍କୃଷ୍ଟ ଲୌହ ଓ କାଚ କାରଖାନା କପରି କରି ପାରିବେ, ଇଂଲଣ୍ଡକୁ ଯାଇ ଯୁବକମାନେ ତାହା ଶିକ୍ଷା କଲେ ।

୯

## ଦ୍ୱାରିକାନାଥ

ସ୍ୱାମୀ ସଦାନନ୍ଦ ନିଜର ଆରବ୍ଧ କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିବା ସକାଶେ ଉପଯୁକ୍ତ ଲୋକହିଁ ବାଛି ନେଇଥିଲେ । କିନ୍ତୁ ତାଙ୍କର ପ୍ରଧାନ ଭାବନା ହେଲା, ତାଙ୍କ ଅନ୍ତେ ତାଙ୍କ ଆସନର ଅଧିକାରୀ କିଏ ହେବ ? ସମଗ୍ର ଓଡ଼ିଶାକୁ ଅନ୍ତର୍ଦୃଷ୍ଟିରେ ଅନାଇଁ ଦେଖିଲେ ଏକମାତ୍ର ଦ୍ୱାରିକାନାଥହିଁ ତାଙ୍କର ଅଭିପ୍ସିତ ନେତାର

ସମ୍ପ୍ରଦାୟ ସଦ୍‌ଗୁଣରେ ଭୂଷିତ । କିନ୍ତୁ ଦ୍ୱାରକାନାଥ ସେତେବେଳେ "ଭାରତ ସେବକ ସମିତି"ର କୌଣସି ଅଧିବେଶନରେ ଯୋଗ-ଦେବାପାଇଁ ପୁନାକୁ ଯାଇ, ପଣ୍ଡିତା ରମାବାଈଙ୍କ ଆଶ୍ରମ ସନ୍ନିହିତ ସ୍ଥାନରେ ବାସ କରୁଥିଲେ ।

ଦ୍ୱାରକାନାଥ ଥିଲେ ମହାତ୍ୟାଗୀ । ନବୀନ ବୟସରେ ବ୍ରହ୍ମ-ଚର୍ଯ୍ୟ ଗ୍ରହଣ କରି ଓଡ଼ିଶାର ଅନ୍ତ୍ୟଜ ଜାତିର ଉନ୍ନତି ସକାଶେ ମନଃ ପ୍ରାଣ ଢାଳି ଦେଇଥିଲେ । ତାଙ୍କର ସ୍ତ୍ରୀ ଥିଲା, ପୁତ୍ର ଥିଲା । ସେ ସେମାନଙ୍କୁ ତ୍ୟାଗ କରି ନ ଥିଲେ; ଭଣ୍ଡ ତପସ୍ୱୀ ସାଜି, ଭସ୍ମ ମାଳା ତିଳକର ଆଶ୍ରୟ ନେଇ ନ ଥିଲେ । ସେ ଥିଲେ ନୀରବ ସାଧକ । ଦେଶର ଦଶର ଯହିଁରେ ଭଲ ହେବ, ତାହାହିଁ ତାଙ୍କର ସାଧନାର ବିଷୟ ଥିଲା । ଯେଉଁ ଯେଉଁ ଅସ୍ପୃଶ୍ୟ ଜାତିଙ୍କୁ ଭାରତୀୟ ଉଚ୍ଚଶ୍ରେଣୀର ହିନ୍ଦୁ ଘୃଣାରେ ବହୁଦୂରେ ରଖିଥିଲେ, ସେ ଥିଲେ ତାଙ୍କରି ଭାଇ, ବନ୍ଧୁ, ଆତ୍ମୀୟ । ତାଙ୍କର ସଂସ୍କାର ସକାଶେ ନିଜର ସର୍ବାର୍ଥ ମନଃ ପ୍ରାଣ ଢାଳି ଦେଇଥିଲେ । ଗ୍ରାସାଚ୍ଛାଦନର ଉପାୟ ସକାଶେ ତାଙ୍କର ଚିନ୍ତା ନ ଥିଲା । ତାଙ୍କର ଅସାଧାରଣ ଗୁଣବତୀ ପତ୍ନୀ ଇନ୍ଦିରା ଦେବୀ ତାଙ୍କର କର୍ମଶକ୍ତିର ଗୋପନ ଉତ୍ସ ଥିଲେ । ଇନ୍ଦିରା ଦେବୀ ବେଶି ଲେଖା ପଢା ଶିଖି ନ ଥିଲେ । କିନ୍ତୁ ବୁଦ୍ଧି-ମତ୍ତାରେ ତାଙ୍କର ସମକକ୍ଷ ପୁରୁଷ ମିଳିବାର ଦୁର୍ଲ୍ଲଭ ।

ଦ୍ୱାରକାନାଥ ଦେଶର ହିତ ଚିନ୍ତାରେ ସମାଜ ସଂସ୍କାରରେ ଦେଶ ବିଦେଶ ପର୍ଯ୍ୟଟନ କରୁଥିଲେ, ଆଉ ତାଙ୍କର ପତ୍ନୀ ଘରେ ବସି ବୁଝୁଥିଲେ ମହାଜନୀ । ତେଲ ବ୍ୟବସାୟ ଥିଲା ତାଙ୍କର ଜାତୀୟ ବ୍ୟବସାୟ । ତାହା ଛଡ଼ା ଧାନ ଗୁଡ଼ିଲମହାଜନୀ ଅନେକ ଥିଲା । କଟକ ବଜାରର ବଉଳାଅଁଳରେ ଗୁରିଟୋଟି ମୁଦୀ ଦୋକାନ ମଧ୍ୟ ଥିଲା । ଉପଯୁକ୍ତ କର୍ମଚାରିମାନଙ୍କୁ ରଖି କାର୍ଯ୍ୟ ଚଳାଉଥିଲେ । ସ୍ୱୟଂ

ଇଂରେଜସବୁ ଖାତା ପତ୍ର ନିଜେ ଦେଖୁଥିଲେ । ଅଧଲାଟିଏ ଏଆଡେ ସେଆଡ଼େ କରିବା କାହାରି ସାଧ୍ୟ ନଥିଲା । କଥାରେ କଥାରେ ଇଂରେଜ କହୁଥିଲେ "ସାହୁ ଝିଅକୁ ଠକିବ ଏପରି ପୁଅ କିଏ ଅଛି ।"

ତାଙ୍କର ତୀକ୍ଷ୍ଣ ବ୍ୟବସାୟ ବୁଦ୍ଧି ସହିତ, ଦୟାମାୟା ସ୍ନେହ ମମତା ଯେପରି ମଣିକାଞ୍ଚନ ସଂଯୋଗ ପରି ଥିଲା । ତାଙ୍କର ନିଜ ଅର୍ଥରେ ପ୍ରତିଷ୍ଠିତ "ଅମ୍ବିକା ଆଶ୍ରମ"ରେ ଶତ ଶତ ଅନାଥର ନିତ୍ୟ ଗ୍ରାସାଚ୍ଛାଦନର ବ୍ୟବସ୍ଥା ହେଉଥିଲା । ଦ୍ୱାରିକାନାଥଙ୍କ ଉଦ୍‌ଯୋଗରେ ଓଡ଼ିଶାର ବିଭିନ୍ନାଞ୍ଚଳରେ କୋଡ଼ିଏ ଗୋଟି ଅନ୍ତ୍ୟଜ ଜାତିର ବିଦ୍ୟାଳୟ ସ୍ଥାପିତ ହେଲା । ଦାନ ସ୍ୱରୂପ ଯେ ଯାହା ଦେଉଥିଲେ, ତାହା ଛଡା କାହାରି ପଇସାଟିଏ ସେଥିରେ ପଶୁ ନ ଥିଲା ।

ଦ୍ୱାରିକାନାଥଙ୍କ ଅକ୍ଳାନ୍ତ ଉଦ୍‌ଯୋଗ ଫଳରେ ପାଣ, କଣ୍ଡରା, ହାଡ଼ି, ଡମ ଓ ମୋଚିମାନଙ୍କ ମଧ୍ୟରେ ଗ୍ରାମ୍ୟ ପଞ୍ଚାଏତ ସବୁ ସ୍ଥାପିତ ହେଲା । ସେଥିରେ ଉପଯୁକ୍ତ ଲୋକେ ସଭ୍ୟ ଶ୍ରେଣୀଭୁକ୍ତ ହୋଇ ତାଙ୍କର ଜାତିର ହିତାର୍ଥେ ଦଶ ପଇସା ଏକାଠି କରିଥିଲେ, ମଦ ଓ ଗୋମାଂସ ତ୍ୟାଗର ପ୍ରତିଜ୍ଞା କରୁଥିଲେ । ଦ୍ୱାରିକାନାଥ ଥିଲେ ତାଙ୍କର ଗୁରୁ । ଆଜି ବାଲେଶ୍ୱର ସହର ହୁଲସ୍ଥୁଲ୍ । ଯେଉଁଆଡ଼େ ଯାଅ, କେବଳ ଗୋଟିଏ ଆଲୋଚନା, କେବଳ ଗୋଟିଏ କଥା । ଅର୍ଥାତ୍ "ହିନ୍ଦୁଙ୍କର ଜାତିକୁଳ ଗଲା । ହିନ୍ଦୁ ଜାତି ରସାତଳକୁ ଗଲେ, କାରଣ ଆଜକୁ ମାସାବଧି ଦ୍ୱାରିକାନାଥ, ସଦାନନ୍ଦ ଓ ଚନ୍ଦ୍ରୋଦୟ ଆସି, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳମାନଙ୍କରେ ବୁଲି, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ହିନ୍ଦୁଙ୍କୁ ଏକ ହେବାକୁ ଉପଦେଶ ଦେଉଅଛନ୍ତି । ଅସ୍ପୃଶ୍ୟ ଦୋଷକୁ ଭାରତ ବକ୍ଷରୁ ଚିରବିଦାୟ ଦେବାକୁ ବ୍ରାହ୍ମଣ କରଣଙ୍କ ଘରେ ଘରେ ପ୍ରଚାର କରୁଛନ୍ତି । କୀର୍ତ୍ତନ କରି କରି

ହାଡି ପିଲାମାନେ ପାଣପିଲାମାନେ ଗାଁ ଦାଣ୍ଡେଦାଣ୍ଡେ ଦ୍ୱାରକାନାଥଙ୍କ ରଚିତ ଜାତୀୟ ସଙ୍ଗୀତାବଳୀ ଗାଇ ବୁଲୁଛନ୍ତି । ତାଙ୍କର ଉତ୍ତେଜନାରେ ଅନେକ ସଦ୍‌ବଂଶୀୟ ଯୁବକ ଦ୍ୱାରକାନାଥଙ୍କ ଦୀକ୍ଷାଗ୍ରହଣ କରି ସାରିଲେଣି । ଧର୍ମଶାଳାରେ ବସି ପାଖେ ପାଖେ ବିଭିନ୍ନ ଜାତିର ଲୋକେ ଏକ ପଙ୍‌ତିରେ ଆହାର କଲେଣି । ଆଉ କି ଜାତି ରହେ ? "ଧର୍ମ ଗଲା, ଗଲା" ଚିତ୍କାର କରି ବାଲେଶ୍ୱରର ରକ୍ଷଣଶୀଳ ହିନ୍ଦୁଦଳ ଚେଇଁ ଉଠିଲେ । ସାମାନ୍ୟ କୁଣ୍ଡିଆଟି ଶେଷକୁ ଏତେ ବଢ଼ିଉଠି ହୋଇ ଦେହଯାକ ମାଡିବ ବୋଲି କେହି ଭାବି ନ ଥିଲେ । କେଉଁ ଆଡ଼କାର ଗୋଟାଏ ଭଣ୍ଡ ବାବାଜି, ହରିବୋଲିଆ ଦ୍ୱାରକାନାଥ, ଆଜି କାଲି ସକାଳର ଟୋକା ଚନ୍ଦ୍ରୋଦୟ ଯେ ଶେଷକୁ ବାଲେଶ୍ୱର ଜିଲ୍ଲାଟାଯାକ ଲଣ୍ଡ ଭଣ୍ଡ କରିବେ ଏହା ସତ୍ପଥୀ, ମିଶ୍ର, ଷଡ଼ଙ୍ଗୀ, ଚତୁର୍ବେଦୀ, ପଟ୍ଟନାଏକ, ରାଉତରାୟ, ବୃଷ୍ଟି, ସାହୁ ଇତ୍ୟାଦି କେହି ଭାବି ନ ଥିଲେ । ତାଙ୍କର ଅବିମୃଷ୍ୟକାରିତା ଫଳରେ ତ ଏମାନେ ମାତି ଉଠିଲେଣି । ଏହାଙ୍କୁ ନ ଦାବିଲେ ନ ଚଳେ । ଦଶ ପଚାଶ ଟୋକା ଜାତିକୁଳ ଛାଡ଼ି ଯଦବା ହାଡି, ପାଣି, ପଠାଣଙ୍କ ସାଙ୍ଗେ ବସି ଏକା ପଙ୍‌ତିରେ ଖାଇଲେ, ତାଙ୍କୁ, ତାଙ୍କ ବାପ ଦାଦୀ ଆଦି କରି ସମଗ୍ର ପରିବାରଙ୍କୁ ଜାତିରୁ ଅଟକ କରି ପକାଇଲେ; ମିଶ୍ର, ଷଡ଼ଙ୍ଗୀଙ୍କର ତ କର୍ତ୍ତବ୍ୟ ଶେଷ । କିନ୍ତୁ ଯେତେବେଳେ ଶ୍ରେଷ୍ଠ ଜାତିଙ୍କ ମୁହଁରେ ବଡ଼କଥା ଶୁଭିଲା, ମାଧି ହାଡି ଆଣି ଚାରିଅଣା ମୂଲରେ ମାସଯାକ ବାରି ଖଟିବାକୁ ଅସ୍ୱୀକାର କଲା; ବାଉରି ଲକ୍ଷିଆ ଓ ଭଟୀ ଭୋଇ ବାବୁଭୟାଙ୍କୁ ପାଲିଙ୍କିରେ ବୋହିବାକୁ ନାରାଜ ହେଲେ, ପାଣି ଆପଣାକୁ ବଡ଼ ମଣିଲେ; ସେତେବେଳେ ତାଙ୍କ ନିଦ ଭାଙ୍ଗିଲା । କରେ ବାବା ! ଆମ ଖିଦମତଗାରି କିଏ ଆଉ ଉଠେଇବ ? ଆମେ

ଉଣା ମୂଲରେ ଆମ ବିଲ ବାଡ଼ କିଏ ଦେଖିବ ? ସର୍ବଘୋଷ ଦ୍ୱାରିକାନାଥ ତ ଆମକୁ ଗୋଟେ ଜାତିର ଦୁଆସ୍ତି କଲଣି । ଆଉ କର୍ଣ୍ଣରେ ତୈଳ ପ୍ରଦାନ ପୂର୍ବକ ଶୟନର ବ୍ୟବସ୍ଥା ଭଲ ଦିଶିଲା ନାହିଁ ।

ତହୁଁ ଚତୁଷ୍ପାଠୀ ଉଠିଲେ, ରଥେ ଲାଗି ଯାଉଲେ, ପଞ୍ଚନାୟକେ ଅଣ୍ଟା ଭିଡ଼ିଲେ । ବାଲେଶ୍ୱର ହିତୈଷିଣୀରେ ବଡ଼ ବଡ଼ ଅକ୍ଷରରେ ବାହାରିଲା ।

"ଶୁଣିଅ ଝିଅ ବିପ୍ର ବଇଷ୍ଣବଙ୍କ ଗୁଣ—
ତେଲି ତାମ୍ବୁଲି ତୁଲାଭିଣାଙ୍କ ନାଶ ।"

ଉପରୋକ୍ତ ଏବମ୍ବିଧ କବିତା ତଳେ ଜଣେ ଶ୍ରୀ ବିଷ୍ଣୁ ଗୁପ୍ତ ନାମଧେୟ ଲେଖକ ସ୍ୱାମୀ ସଦାନନ୍ଦ ଏବଂ ଦ୍ୱାରିକାନାଥଙ୍କର ନିନ୍ଦାକରି ଶେଷକୁ "କଲେଜ ଛଡ଼ାଙ୍କ କାଣ୍ଡ" ନାମରେ ଗୋଟିଏ କ୍ଷୁଦ୍ର ପ୍ରବନ୍ଧରେ ଚନ୍ଦ୍ରୋଦୟଙ୍କୁ ନାନାଦି ଗାଳି ଦେଇଥିଲେ ।

ସେଦିନ ନଗରରେ ଶ୍ରୀ ଶ୍ରୀ ପଣ୍ଡିତ ମହାମହୋପାଧ୍ୟାୟ ଲମ୍ବୋଦର ମିଶ୍ର କାବ୍ୟକଣ୍ଠ ବିଦ୍ୟାରତ୍ନଙ୍କ ଅଧିନାୟକତ୍ୱରେ ରକ୍ଷଣଶୀଳ ଦଳଙ୍କର ଏକ ବିରାଟ ସଭାର ଆୟୋଜନ ହେଲା । ସଭାର ଉଦ୍ଦେଶ୍ୟ, ହିନ୍ଦୁ ଧର୍ମ ସମ୍ମତ ଶାସ୍ତ୍ରୀୟ ଆଚାର ବିଚାର, ଜାତିଭେଦ, ଶୌଚବିଧି ଇତ୍ୟାଦି ନିଷ୍କଳଙ୍କ ରୂପେ ପ୍ରତିପାଳନାର୍ଥେ ଦୃଢ଼ପ୍ରତିଜ୍ଞ ହୋଇ କାୟମନୋବାକ୍ୟରେ ଉଦାର ନୈତିକଦଳର କାର୍ଯ୍ୟରେ ବାଧା ପ୍ରଦାନ ।

ସଭା ମଣ୍ଡପରେ ଯେତେବେଳେ ମହାମହୋପାଧ୍ୟାୟ ବିଦ୍ୟାରତ୍ନ ଓଜସ୍ୱିନୀ ଭାଷାରେ ତାଙ୍କର ଶତସଂସ୍କୃତ ଶ୍ଲୋକ ବିମଣ୍ଡିତ ଅଭିଭାଷଣ ପାଠ ପୂର୍ବକ ଭାରତୀୟଙ୍କ ପୂର୍ବପୁରୁଷ ସ୍ଥାପିତ, ମନୁ

ପ୍ରତିପାଦିତ, ଅତୀତର ବ୍ୟବହାର ଓ ଜାତୀୟତ୍ୱ ପ୍ରତିଷ୍ଠାର ଗୌରବ ହୃଦୟଙ୍ଗମ କରାଉଥିଲେ ସେତିକିବେଳେ ସେହି ଦାଣ୍ଡରେ ହାଡି ଓ ପାଣ ପିଲାମାନେ ଶ୍ରେଣୀବଦ୍ଧ ହୋଇ ସଦାନନ୍ଦ ଓ ଦ୍ୱାରକା-ନାଥଙ୍କ ପଛେ ପଛେ ଗାନ କରୁ କରୁ ଗଲେ—

ଭାରତ ! ଭାରତ ! କିପାଁ ହୋଇଲୁ ହୀନ ।
ଛଅକୋଟି ମାନବଙ୍କୁ କରିଲୁ ହୀନ୍, । ଧ୍ରୁ ।

ଛଅକୋଟି ନରନାରୀ, ପଶୁଠୁଁ ହୀନ କରି କରି
ବକ୍ଷେ ଶାସ୍ତ୍ର-ଛୁରୀ ମାରି
(ମାଗୋ) ହେଲୁ ତୁ କ୍ଷୀଣ । ୧ ।

ଧନେ ମନେ ନ ସୁମରି ପୂରୁବ ଗୌରବ ଶିରି
ବୃଥା ଅହଂକାରେ ପୂରି
(ତୋର) ଶରୀର ଶୀର୍ଣ୍ଣ । ୨ ।

ଶୋଭା ସରିଲା ତୋ ଦେହୁଁ ଛେଡ଼ିଲୁ ସନ୍ତାନ ସ୍ନେହୁଁ
ନିଜ ସୁତେ ଅକାତରେ
ତୁ କି କଠିନ । ୩ ।

ଘେନ ମାଁ ଘେନ ମାଁ ଆଜି, ଭେଦ ଭାବ ଦୂରେ ତେଜି
କୋମଳ କୋଳେ ତୋହର
ନ କର ଭିନ୍ନ । ୪ ।

ଅନେକ ଲୋକଙ୍କ କାନ ସେଆଡ଼େ ଗଲା । କାବ୍ୟକଣ୍ଠଙ୍କ କୋକିଳ କଣ୍ଠ ନିସୃତ ଲଳିତ ପଦାବଳୀ ଅପେକ୍ଷା ହାଡି ଓ ପାଣ ପିଲାଙ୍କର ଗୀତ ଶୁଣିବାକୁ ଅନେକେ ବାହାରି ପଡିଲେ । ଅହା କି ସୁନ୍ଦର ଦୃଶ୍ୟ ! ସମ୍ମୁଖରେ ଗୈରିକ ବସ୍ତ୍ରଧାରୀ ଶ୍ୱେତ ଶ୍ମଶ୍ରୁ-

ଶୋଭିତ ବିଶାଳକାୟ ମହାଋଷି ସ୍ୱାମୀ ସଦାନନ୍ଦ, ପଶ୍ଚାଦ୍ଦେଶରେ ଶ୍ରେଣୀବଦ୍ଧ ଗୈରିକ ବସ୍ତ୍ରଧାରୀ ପୁଷ୍ପମାଲ୍ୟ ଶୋଭିତ ଶତାଧିକ ଅନ୍ତ୍ୟଜଜାତୀୟ ବାଳକ ବାଳିକା ! ସର୍ବଶେଷରେ ଦ୍ୱାରିକାନାଥ ଓ ଚନ୍ଦ୍ରୋଦୟ । ସମସ୍ତେ ଏକ ସ୍ୱର୍ଗୀୟ ଭାବରେ ଅନୁପ୍ରାଣିତ । ଚନ୍ଦ୍ରୋଦୟ ଏବଂ ଦ୍ୱାରିକାନାଥଙ୍କ ଚକ୍ଷୁରୁ ଅଶ୍ରୁଧାର ବହୁଥିଲା । ସଭାମଣ୍ଡପର କିଛି ଦୂରରେ ମୁକ୍ତସ୍ଥାନରେ ଠିଆ ହୋଇ ଦୁଇ-ବାହୁ ସ୍ୱର୍ଗକୁ ଟେକି ଗମ୍ଭୀର ସ୍ୱରରେ ସଂସ୍କୃତରେ ଭଗବାନଙ୍କ ସ୍ତବ କରୁ କରୁ ଭାରତର ଦୈନ୍ୟ, ଭାରତର ଅଜ୍ଞାନ କୁସଂସ୍କାର, ଜାତିଭେଦ ଇତ୍ୟାଦି ଦୂରୀକରଣାର୍ଥେ ତାଙ୍କର ଶ୍ରୀ ଚରଣରେ ପ୍ରାର୍ଥନା କରି ଅଲେଖ ନିରଞ୍ଜନଙ୍କର ନାମୋଚ୍ଚାରଣ ପୂର୍ବକ ସ୍ୱାମୀ ସଦାନନ୍ଦ ଗୋଟିଏ ମହାପ୍ରାଣସ୍ପର୍ଶୀ ବକ୍ତୃତା ଦେଲେ । ତାଙ୍କର ବିଶାଳ ଜ୍ଞାନ, ଅତୁଳ ଦେଶ ପ୍ରେମରେ ମୁଗ୍ଧ ହୋଇ ଶତ ଶତ ମନୁଷ୍ୟ ତାଙ୍କର ଶ୍ରୀଚରଣ ତଳେ ଏକତ୍ରିତ ହେଲେ । ସମସ୍ତଙ୍କ ହୃଦୟରେ ଦେଶ-ପ୍ରେମ ବହ୍ନି ଜଳି ଉଠିଲା ; ଏକତା ମହାମନ୍ତ୍ରରେ ଦୀକ୍ଷିତ ହେବାକୁ ଅନେକର ପ୍ରାଣ କାନ୍ଦିଲା ।

ବକ୍ତୃତା ଶେଷରେ ପୁନର୍ବାର ପିଲାମାନେ ଗାନ କଲେ—

ଭାରତ ! ଭାରତ ! କିପାଁ ହୋଇଲୁ ଦୀନ,
ଛଅ କୋଟି ମାନବକୁ କରିଲୁ ହୀନ ।

## ୬

# ଅନାଥା

ଅଚ୍ୟୁତ ମିଶ୍ରଙ୍କର ମୃତ୍ୟୁ ହୋଇଛି । ପାପର ଫଳ ଭୋଗ କରି ଦାରୁଣ ପକ୍ଷାଘାତରେ ବର୍ଷେ ଶଯ୍ୟାଶାୟୀ ହୋଇ ମାନବର ଜ୍ଞାନ-ସୀମାତୀତ ପ୍ରଦେଶକୁ ପ୍ରସ୍ଥାନ କରିଛନ୍ତି । ଆଉ ସଙ୍ଗେ ସଙ୍ଗେ କରି ଯାଇଛନ୍ତି ଲକ୍ଷ୍ମୀକୁ ଏକାନ୍ତ ଅନାଥା ।

ବାହାର ଲୋକଙ୍କ ଦୃଷ୍ଟିରେ ଲକ୍ଷ୍ମୀ ଅନାଥାପରି ଦିଶୁ ନଥିଲା । କାରଣ ଲକ୍ଷ୍ମୀର ତିନିଜଣ ବିମାତା ବର୍ତ୍ତମାନ, ସମ୍ପର୍କୀୟ ଭ୍ରାତା, ଭଗିନୀ, ଭ୍ରାତୃଜାୟା, ମାଇଁ, ମାଉସୀ, ଖୁଡ଼ି, ଜେଠେଇ ହୋଇ ଶତାଧିକ କୁଟୁମ୍ବ । ପିତାର ବିପୁଳ ସମ୍ପତ୍ତି । କିନ୍ତୁ ସବୁ ଥାଇ ନଥିଲା ଗୋଟିଏ କଥା, ଅର୍ଥାତ୍ ଏଡ଼େ ବଡ଼ ପରିବାରରେ ଲକ୍ଷ୍ମୀ ପ୍ରତି କାହାରି ପ୍ରକୃତ ମମତା ।

ରୂପ, ଯୌବନ, ଧନ ଶ୍ରୀସମ୍ପନ୍ନା ଷୋଡ଼ଶ ବର୍ଷୀୟା ଯୁବତୀ ପ୍ରତି ପରିବାରର ନାରୀବର୍ଗର ଥିଲା ହିଂସା, ଆଉ ଯୁବକବର୍ଗର ଆସକ୍ତି; ଯାହାର ଏତଦୁଭୟ କାରଣ ନଥିଲା ସେ ଥିଲା ଲକ୍ଷ୍ମୀର ଧନର ଗ୍ରାହକ । କିନ୍ତୁ ଲକ୍ଷ୍ମୀର ଉପାୟାନ୍ତର ନାହିଁ । କାରଣ ପରିବାରରେ ଗୋଟିଏ ମୁରବି ନଥିଲେ । ଅଯଥା କର୍ତ୍ତୃତ୍ୱକାମୀ ଅନ୍ନଦାସର ସଂଖ୍ୟା ଊଣା ନଥିଲା । ସେହିମାନଙ୍କର ଉପଦ୍ରବରେ ପରିବାରରେ ସୁଖ ଶାନ୍ତି ଏକାବେଳେ ନଷ୍ଟ ହୋଇ ଯାଇଥିଲା ।

ବୋଲିବା ବାହୁଲ୍ୟ, ଲକ୍ଷ୍ମୀର ବିମାତା ରେବତୀ. ଆଉ ଶରଧା, ଯୁବତୀ । ରେବତୀର ବୟସ ମୋଟେ ପଚିଶ ବର୍ଷ, ଆଉ ଶରଧାର ବୟସ କୋଡ଼ିଏ ମାତ୍ର । ମିଶ୍ରଙ୍କ ପ୍ରଥମା ପତ୍ନୀ ଇନ୍ଦୁଙ୍କ ବୟସ ତୁଳନାରେ ଏମାନଙ୍କୁ ମାଁ ଝିଅ ସମାନ କହିଲେ ଅତ୍ୟୁକ୍ତି

ହେବ ନାହିଁ । ଲକ୍ଷ୍ମୀର ସମବୟସ୍କା ବିମାତୃଦ୍ୱୟ ବିଧବା ହେଲେହେଁ କେବଳ ନାମତଃ ବିଧବା ଥିଲେ । ଏ ସବୁକାଣ୍ଡ ଇନ୍ଦୁ ଓ ତାଙ୍କର ସଉତୁଣୀମାନଙ୍କର ଭୀଷଣ ମନୋମାଳିନ୍ୟ ହେଲା, ଧରି ବସିଲେ ସେମାନଙ୍କର କିଛି ଦୋଷହିଁ ନଥିଲା; କନ୍ୟାଦାୟରେ ସଉ ଧନ ଲୋଭରେ ପିତୃବର୍ଗ ଧନୀ ବୁଢ଼ା ବର ହାତରେ ଦେଇଥିଲେ । ମିଶ୍ର ମଧ୍ୟ ସାମୟିକ ରୂପଲାଳସା ତୃପ୍ତି ସକାଶେ ବିବାହ କରିଥିଲେ । ଫଳ ସ୍ୱରୂପ କନ୍ୟାମାନେ ସ୍ୱାମୀ ସୁଖଲାଭରୁ ବଞ୍ଚିତ ହେଲେ । ବସ୍ତ୍ରାଲଂକାରାଦି ଭୋଗରେ ଏକପ୍ରକାର ଦିନ କଟିଥିଲା । କିନ୍ତୁ ଅକାଳ ବୈଧବ୍ୟରେ ସର୍ବସ୍ୱ ହରାଇ ସେମାନେ ଯଦି ସମାଜର ଆଖିର ବାହାର ବଜାୟ ରଖି ମନୋମତ ପଥରେ ଗମନ କରନ୍ତି ସେଥିରେ ତାଙ୍କର ଦୋଷ ବା କଣ ?

ଦୋଷ ତାଙ୍କର ଥାଇ ପାରେ; ନ ଥାଇ ପାରେ । କିନ୍ତୁ ଏମାନଙ୍କର ଆଦର୍ଶ—ନିତ୍ୟ ନୟନ ଗୋଚର କରି ଲକ୍ଷ୍ମୀ ଚରିତ୍ରରେ ସଂଯମ, ବ୍ରହ୍ମଚର୍ଯ୍ୟାଦି ଗୁଣର ସ୍ଫୂର୍ତ୍ତି ବିକାଶ କଷ୍ଟକର ହେଲେ ମଧ୍ୟ ଧର୍ମକୁ ଆଖି ଆଗରେ ରଖି ସେ ଅସତ୍ ପଥରେ ପଦାର୍ପଣ କରି ନଥିଲା । ଆଜ ସେଥିପାଇଁ ତାହାର ଜୀବନ ନିତ୍ୟ ସଂଗ୍ରାମର ଲୀଳା-ସ୍ଥଳୀ ହେଲା । ସେ ଭଲ ରହିବାକୁ ଚେଷ୍ଟା କରୁଛି, କିନ୍ତୁ ସଂସାର ତାକୁ ଭଲ ରଖି ଦେଲେତ ହୁଏ । ଜଣେ ଭଲ ରହିବ, ଜୀବନରେ ଶତ ଶତ ପ୍ରଲୋଭନକୁ ଦୃଢ଼ ଆତ୍ମଶକ୍ତିରେ ଆପଣାକୁ ରକ୍ଷା କରିବ ଏହା ସଂସାର କିପରି ସହିବ ? ଲକ୍ଷ୍ମୀର ଜୀବନରେ ମଧ୍ୟ ତାହାହିଁ ପ୍ରମାଣିତ ହେବାକୁ ଲାଗିଲା ।

ଲକ୍ଷ୍ମୀର ସୌନ୍ଦର୍ଯ୍ୟ, ଲକ୍ଷ୍ମୀର ଗୁଣରାଶି ନବଘନର ହୃଦୟ ବିଚଳିତ କଲା । ନବଘନ ଶରଧାର ଭାଇ, ନବଘନର ବୟସ

ମୋଟେ ଚବିଶ ବର୍ଷ । ଜୀବନରେ ପାଠ ପଢିବାର କଷ୍ଟ କଣ ସେ କେବଳ ଦୁଇ ତିନିମାସ ଅବଧାନ କଣ୍ଢେଇ ତାହାକର ଗୁହାଳରେ ଜାଣି ଥିଲା । ଦିନେ ପଣକିଆ ଭୁଲ ହେବାରୁ କଣ୍ଢେଇ ତାହାକର ବେତ୍ରାଘାତରେ ପୃଷ୍ଠଦେଶରେ ଯେଉଁ ରକ୍ତାଙ୍କିତ ଚିହ୍ନ ଦେଖାଦେଇଥିଲା, ଗତ ଅଠର ବର୍ଷରେ ସୁଦ୍ଧା ତାହା ଲିଭି-ନାହିଁ । ସେହିଦିନୁ ପାଠ ସହିତ ତାଙ୍କର ଦେଢ଼ଶୁର ଭାଇବୋହୂ ସମ୍ପର୍କ । ବିପୁଳ ସମ୍ପତ୍ତିଶାଳୀ ଭଗିନୀପତି ମିଶ୍ରଙ୍କ ଘରେ ରହି, ଗୁଡ଼ିଉଡ଼ା, ବନଶୀ ଖେଳା, ଆଉ ଯାତ୍ରା ଦେଖିବା, ଗାଜଣା, ବାଜଣାରେ ମାତିବା, ଫିଟରେଇ କାଟିବା, ଲୁଗା କୁଞ୍ଚେଇ ପିନ୍ଧିବା, ଆଉ ନିଶା ସେବନ ଛଡ଼ା ତାଙ୍କର ଅନ୍ୟ କିଛି କର୍ତ୍ତବ୍ୟ ନଥିଲା । ଗୋଟିଏ ବୋଲି ଭାଇ, ଭଉଣୀ ମଧ୍ୟ ଅତିରିକ୍ତ ଭ୍ରାତୃ ସ୍ନେହର ବଶବର୍ତ୍ତିନୀ ହୋଇ ଭାଇଙ୍କ ଦୋଷଗୁଡ଼ିକୁ ଗୁଣ ତୁଲ୍ୟ ମଣୁଥିଲେ । ସେଥିପାଇଁ ଯେତେବେଳେ ତାଙ୍କର ବିଳାସ ବିଭ୍ରମ ଦୃଷ୍ଟି ଲକ୍ଷ୍ମୀର ନବନୀରଦୋପମ କମନୀୟ କାନ୍ତି ଉପରେ ପଡ଼ିଲା, ଶରଧା ତାହାକୁ ଲକ୍ଷ୍ମୀର ପରମ ସୌଭାଗ୍ୟ ବୋଲି ବିଚାର କଲେ ।

ଲକ୍ଷ୍ମୀକୁ ନିର୍ଯ୍ୟାତନ କରିବାପାଇଁ ରେବତୀ ଓ ଇନ୍ଦୁଙ୍କୁ ସଳଖ ବାଟ ମିଳିଲା । ବିମାତାଙ୍କ ବାକ୍ୟବାଣରେ ଏବଂ ନବଘନର ସ୍ତ୍ରୀ କୌଶଲ୍ୟାର ଈର୍ଷା କଳୁଷିତ ବ୍ୟବହାରରେ ଜୀବନ୍ମୃତା ଲକ୍ଷ୍ମୀର ପ୍ରାଣ ପର୍ଯ୍ୟନ୍ତ ଦଗ୍ଧ ହେଲା ।

ହୃଦୟରେ ଚିତାନଳ ଜାଳି ଲକ୍ଷ୍ମୀ ବସିଲା ମରିବାକୁ । ଏତେ ଧନ ଥାଇ ସୁଦ୍ଧା ଆଜି ତାହାର ଦୁର୍ଦ୍ଦଶାର ଉପଶମ ପାଇଁ ବୁଦ୍ଧି ବାଟ ଦିଶିଲା ନାହିଁ । ନୀରବରେ ଭଗବାନଙ୍କୁ ଡାକି, ନିର୍ଜ୍ଜନରେ, ଠାକୁର ଘରେ ଲକ୍ଷ୍ମୀ ଦିନାତିପାତ କରିବାକୁ ମନସ୍ଥ କଲା । କିନ୍ତୁ ନବଘନ ତାହା କରାଇ ଦେଲା ନାହିଁ ।

ନବଘନର ଅତ୍ୟାଚାର ବଢ଼ିଲା । ପ୍ରଥମେ ଅନୁନୟ ବିନୟ ପରେ ନିଷ୍ଫଳ ମନୋରଥ ହୋଇ, ଦ୍ୱିତୀୟରେ ଛଳନାର ଆଶ୍ରୟ ନେଇ କାର୍ଯ୍ୟୋଦ୍ଧାର କରି ନପାରି ଶେଷକୁ ବଳପ୍ରୟୋଗହିଁ ଶ୍ରେୟଃ ବିବେଚନା କଲା ।

ନବଘନର ସଙ୍କଳ୍ପ ବୁଝିପାରି ଲକ୍ଷ୍ମୀର ଅନ୍ତରାତ୍ମା ଆତଙ୍କରେ ଶିହରିତ ହେଲା । କୁଳରେ ଆଉ କଳଙ୍କିନୀ ହେବାପେକ୍ଷା ମରଣ ଶତଗୁଣ ବାଞ୍ଛନୀୟ ଭାବି ଲକ୍ଷ୍ମୀ ତହିଁର ଚେଷ୍ଟା କଲା । କିନ୍ତୁ ବିବେକ ବାରଣ କଲା । ମନ କହିଲା, ପୂର୍ବ ଜନ୍ମରେ ନଜାଣି କି ପାପ କରି ଆଜି ଏ ଦଶା । ପୁଣି କାହା ସକାଶେ ଆତ୍ମା ହତ୍ୟା କରି ପାପ ଅର୍ଜିବୁ ? ବରଂ ଏ ପାପ-ପୁରୀ ତ୍ୟାଗ କରି ପବିତ୍ର ସନ୍ନ୍ୟାସ ଗ୍ରହଣହିଁ ହୋଇ ପଡ଼ୁଛି ପରମାର୍ଥ ।

ଲକ୍ଷ୍ମୀ ହୃଦୟର ଆଦେଶ ମାନିଲା । ଦିନେ ଅଲକ୍ଷିତ ଭାବେ ଗୃହ ତ୍ୟାଗ କରି, ବାଳକ ବେଶରେ ଯେଉଁଆଡ଼କୁ ଦୁଇ ଆଖି ଗଲା ଚାଲିଗଲା । ଆଜି ସେ ସଂସାରରେ ସର୍ବସ୍ୱହୃତା; କିନ୍ତୁ ତାହାର ମନରେ ଥିଲା ଅପାର ବଳ, ଦୃଢ଼ ବିଶ୍ୱାସ ଥିଲା ଈଶ୍ୱରଙ୍କ ଉପରେ, ଆଉ ଏକାନ୍ତ ଆକାଂକ୍ଷା ଥିଲା ନିଜର ସତୀତ୍ୱ ରକ୍ଷା । ସେହି ସତୀତ୍ୱର ଗୌରବ ରକ୍ଷାର୍ଥେ ବିଶାଳ ଜଗତରେ ଆଜି ସେ ଏକାକିନୀ ।

୨

## ଜମିଦାର ପରିବାର

ଓକିଲାତି କରି କିପରି ପଇସା ରୋଜଗାର କରିବାକୁ ହୁଏ ଏବଂ ସେ ପଇସାର କିପରି ସଦ୍‌ବ୍ୟବହାର କରିବା ଉଚିତ, ଏହା ଅଭୟଚନ୍ଦ୍ରଙ୍କୁ ଭଲରୂପେ ଜଣାଥିଲା । ଅଭୟଚନ୍ଦ୍ର ଥିଲେ

ବାଲେଶ୍ୱର ଜିଲ୍ଲାର ସର୍ବଶ୍ରେଷ୍ଠ ଉକିଲ, ଜମିଦାର, ତଥା କରଣ କୁଳର ଜଣେ ମାନ୍ୟଗଣ୍ୟ ନେତା । କାହା ସହିତ କିପରି କଥା କହିବାକୁ ହୁଏ, କାହା ମନ କାହିଁରେ ବଶୀଭୂତ ହୁଏ, ଏହା ଅଭୟଚନ୍ଦ୍ରଙ୍କର ପୂର୍ଣ୍ଣମାତ୍ରାରେ ଆୟତ୍ତ ଥିଲା । ସେ ସମୟାନୁକ୍ରମେ, ଶ୍ରୋତୃମଣ୍ଡଳୀର ଯୋଗ୍ୟତାନୁସାରେ, କେତେବେଳେ କାହାର ନିନ୍ଦା, କେତେବେଳେ ବା କାହାର ପ୍ରଶଂସା କରୁଥିଲେ, ତାହା ବୁଝିବା କଠିନ ଥିଲା । ମଧୁ ଅତ୍ୟନ୍ତ ମିଷ୍ଟ ପଦାର୍ଥ ହେଲେହେଁ ଅଭୟଚନ୍ଦ୍ରଙ୍କ ରସନା ନିଃସୃତ ମଧୁପାନ କଲା ପରେ ତାହା ତିକ୍ତ ପଦାର୍ଥ ତୁଲ୍ୟ ବୋଧ ହେଉଥିଲା । କଥାରେ କହନ୍ତି "ବଚନେ କା ଦରିଦ୍ରତା" । କଥାରେ ମଣିଷଙ୍କୁ କିଣା ବିକା କରିବା ବ୍ୟବସାୟରେ ଅଭୟଚନ୍ଦ୍ର ଅତ୍ୟନ୍ତ ପଟୁ ଥିଲେ ।

କି ଦେଶ ସେବା, କି ସାହିତ୍ୟ ସେବା କାହିଁରେ ତାଙ୍କର ତ୍ରୁଟି ନଥିଲା । ସଭାସମିତିରେ ସଭ୍ୟ ଶ୍ରେଣୀଭୁକ୍ତ ହେବା, ସ୍ଥଳ ବିଶେଷରେ ସଭାପତି ବା ବକ୍ତାର ଆସନ ଅଲଂକୃତ କରିବା, ଖବର କାଗଜରେ କଲମେ ଦିକଲମ ଲେଖିଦେବାହିଁ ତାଙ୍କର ଦେଶ ତଥା ସାହିତ୍ୟ ସେବାର ନିଦର୍ଶନ ସ୍ୱରୂପ ଥିଲା ଏବଂ ତଦ୍ଦ୍ୱାରା ତାଙ୍କର ଯଶ ନଷ୍ଟ ହୋଇ ନଥିଲା ।

ଗୃହାଖୋତାରେ ତାଙ୍କ ନାଁଟି ଆଗ ଉଠୁଥିଲା । ଦେଶର କର୍ମୀବୃନ୍ଦ ତାଙ୍କର ବୈଠକଖାନା ଅଲଂକୃତ କରୁଥିଲେ, ବୈଦେଶିକ ପଣ୍ୟ ଦ୍ରବ୍ୟ ବର୍ଜ୍ଜନର ନିଦର୍ଶନ ସ୍ୱରୂପ ଲୋକ ଦେଖାଣିଆ ସାଜ ପୋଷାକଗୁଡ଼ିକ ଉପରେ ତାଙ୍କର ସ୍ୱଦେଶୀୟତା ପୂର୍ଣ୍ଣମାତ୍ରାରେ ଫୁଟି ପଡ଼ୁଥିଲା ।

କିଛୁ ପାନ ପିକା ଖର୍ଚ୍ଚ ପାଇଁ ସ୍ୱାମୀ ବାରିକ, ନାଥି ବେହେରା ତାଙ୍କ ସ୍ତବ ସ୍ତୁତି 'ଦାଣ୍ଡ ହାଟରେ ଗାଉଥିଲେ । ରବିବାର ଦିନ ସ୍ୱହସ୍ତରେ ଦଶ ବାରଜଣ ଭିକାରିଙ୍କୁ ମୁଠିଏ ମୁଠିଏ ମୋଟ ଚାଉଳ ବା ଅଧଲାଏ ପାହୁଲାଏ ଦେଇ ସେ ଜଣେ ଦାନବୀର ଶ୍ରେଣୀଭୁକ୍ତ ହୋଇଥିଲେ ।

ଚରିତ୍ର ତାଙ୍କର ଅବଶ୍ୟ ନିର୍ମ୍ମଳ ଥିଲା । କିନ୍ତୁ ତାଙ୍କରି ଭଳି ଗୁଣବନ୍ତ ସ୍ୱାମୀର ସହଧର୍ମ୍ମିଣୀ ହୋଇ ମଧ୍ୟ ହେମାଙ୍ଗିନୀ ଉପଯୁକ୍ତା ନ ଥିଲେ । ତାହାର ପ୍ରଧାନ କାରଣ, ଅଭିମନ୍ୟୁଚନ୍ଦ୍ରଙ୍କ ଜୀବନଟି କଟୁଥିଲା ବାହାରେ, କଚେରୀରେ, ବୈଠକଖାନାରେ, ସଭାସମିତିରେ, ଆଉ ହେମାଙ୍ଗିନୀଙ୍କ ଜୀବନ ଆବଦ୍ଧ ଥିଲା ଘରର ଅନ୍ତଃପୁରର ଚତୁଃସୀମା ମଧ୍ୟରେ । ତାଙ୍କର ଘରେ ଶ୍ୱଶୁର ନ ଥିଲେ, ଶାଶୁ ବୁଢ଼ୀଟି ଓ ନଣନ୍ଦଟିଏ ମାତ୍ର ଥିଲେ ତାଙ୍କର ସଙ୍ଗିନୀ ।

ଅଭିମନ୍ୟୁଙ୍କ ଅଭାବରେ ଶାଶୁ, ବୋହୂ ଓ ଝିଅ ତିନି ଜଣ ଏକାନ୍ତ ଜୀବନ କାଟୁଥିଲେ ଏକପ୍ରକାର ଚରମ ଆଳସ୍ୟରେ । ବିଧବା ନଣନ୍ଦ ରୁକ୍ମିଣୀ, ବୋଉ ହେମାଙ୍ଗିନୀ ଆଉ ଶାଶୁ ଦୁର୍ଗାବତୀଙ୍କ, କାର୍ଯ୍ୟର କୌଣସି ଶୃଙ୍ଖଳା କି ଧାରା କିଛିହିଁ ନ ଥିଲା । ବଡ଼ ଘରର ସ୍ତ୍ରୀ; ଧନର, ଦାସ ଦାସୀର ଅଭାବ ନାହିଁ; ହେଲାଭାବ ପ୍ରାଣରେ ପୂରିଥିଲା । ଚାକର ଦାସୀଙ୍କ ହାତରେ ଗୃହସ୍ଥାଳୀର ଯାବତୀୟ କର୍ତ୍ତବ୍ୟ ନିକ୍ଷେପ କରି କେବଳ ଭାତ ଗଣ୍ଡାକର ମାଲିକ ପରି ବସି ରହି, ଚମ୍ପା ହାତର ଗୋଡଘସା, କମି ହାତର ପିଠିଆଉଁସା ଶୁଲି ହାତର ମୁଣ୍ଡବନ୍ଧା ଏସବୁ ସୁଖ ପୂର୍ଣ୍ଣମାତ୍ରାରେ ଅନୁଭବ କରୁଥିଲେ । ପାନଖିଆ, ପରଚର୍ଚ୍ଚା, ତାସ, କଉଡ଼ି ଖେଳ ଏବଂ ନିଦ୍ରା ତାଙ୍କ ଜୀବନର ଚରମ ସଫଳତା ଥିଲା ।

ରୁକ୍ମିଣୀଙ୍କର ତ ସନ୍ତାନାଦି ନଥିଲା, ହେମାଙ୍ଗିନୀଙ୍କର ଥିଲା ପୁଅ ଝଣ୍ଡେ ଅର୍ଥାତ୍ ଚନ୍ଦ୍ରୋଦୟ । ସେ ମଧ୍ୟ ମଣିଷ ହୋଇଥିଲା ବଣାଖାବୁଢ଼ୀ ହାତରେ । ତାହାର ପ୍ରାୟ କୌଣସି ଜଞ୍ଜାଳରେ ହେମାଙ୍ଗିନୀ ଢାଣ୍ଟିହୋଇ ନାହାନ୍ତି । ଦୈବକର୍ମେ କ୍ରମାଗତ ଗୁଟେଗୋଟି ସନ୍ତାନ ହୋଇ ପରେ ପରେ ମୃତ୍ୟୁମୁଖରେ ପତିତ ହେବାରୁ ହେମାଙ୍ଗିନୀଙ୍କର ସଂସାରରୁ ମନ ଛାଡ଼ିଗଲା ।

ଏପରି ପରିବାରରେ ଜନ୍ମଗ୍ରହଣ କରିସୁଦ୍ଧା ଚନ୍ଦ୍ରୋଦୟର ପ୍ରକୃତି ଅନ୍ୟ ପ୍ରକାର ହେଲା । ଏକମାତ୍ର ପୁତ୍ରର ଶିକ୍ଷାପ୍ରତି ଅଭୟ-ଚନ୍ଦ୍ରଙ୍କର ଦୃଷ୍ଟି ପୂର୍ଣ୍ଣଭାବରେ ଥିଲା । ସେ ତାକୁ ଭବିଷ୍ୟତରେ ବାରିଷ୍ଟର କରାଇବା ବାସନା ମନରେ ପୋଷଣ କରି ପ୍ରଥମରୁ ମିଶନ ସ୍କୁଲରେ ପାଠ ପଢ଼ାଇଲେ । ମିସେନାମ୍ନୀ ମେମ୍ ମିସେସ୍ କିଙ୍ଗ୍ଷ୍ଟନ୍ ଚନ୍ଦ୍ରୋଦୟର ପ୍ରଥମ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଥିଲେ । ତାଙ୍କର ଶିକ୍ଷା ଫଳରେ ଚନ୍ଦ୍ରୋଦୟଙ୍କର ସ୍ୱାଧୀନତା ପ୍ରୟାସ ହୃଦୟରେ ପ୍ରଥମେ ବିକଶିତ ହେଲା । ତତ୍ପରେ କଲିକତାରେ ବହୁଦିନ ଅବସ୍ଥାନ ଫଳରେ ଚନ୍ଦ୍ରୋଦୟ ନିଜ ପରିବାରଠାରୁ ସମ୍ପୂର୍ଣ୍ଣ ଭିନ୍ନଧରଣର ବ୍ୟକ୍ତି ହୋଇଗଲେ । ଦିନକୁଦିନ ତାଙ୍କ ଚରିତ୍ରରେ ଦେଶପ୍ରୀତି ସମଧିକ ପ୍ରକାଶ ପାଇଲା । ଅଭୟଚନ୍ଦ୍ର ପ୍ରଥମେ ପ୍ରଥମେ ତାହା ଶ୍ରଦ୍ଧା ଚକ୍ଷୁରେ ଦେଖୁଥିଲେ କିନ୍ତୁ ଯେଉଁ ଦିନ ପୁତ୍ର କଲେଜ ଛାଡ଼ି ସ୍ୱାମୀ ସଦାନନ୍ଦଙ୍କ ସଙ୍ଗୀ ହେଲେ, ସେଦିନ ତାଙ୍କର ମସ୍ତକରେ ଦାରୁଣ ବଜ୍ରାଘାତ ହେଲା ।

ପୁତ୍ରଙ୍କୁ ଏପ୍ରକାର ସାଧନାରୁ ବିରତ କରିବା ସକାଶେ ଅନେକ ଅନେକ ଚେଷ୍ଟା କଲେ । କିନ୍ତୁ ଦୃଢ଼ପ୍ରତିଜ୍ଞ ଚନ୍ଦ୍ର ଟଳିଲେ ନାହିଁ । ସ୍ୱାମୀ ସଦାନନ୍ଦ ତାଙ୍କୁ ଏକାବେଳକେ ଘରୁ ଛଡ଼ାଇ ନେଇ ଯାଇ ନ ଥିଲେ । କାର୍ଯ୍ୟ କ୍ଷେତ୍ରରେ ସାମୟିକ

ଆହ୍ୱାନ କରୁଥିଲେ ମାତ୍ର । ଅନ୍ୟସମୟରେ ଚନ୍ଦ୍ରୋଦୟ ନିଜ ଜମିଦାରୀର ଗ୍ରାମେ ଗ୍ରାମେ ବୁଲି ପଲ୍ଲି ସଂସ୍କାର, ଗ୍ରାମ୍ୟ ପଞ୍ଚାୟତ ସ୍ଥାପନ, ନୀଚ ଜାତିଙ୍କ ଉନ୍ନତି ବିଧାନ, ସାଧାରଣ ଶିକ୍ଷା ଓ ସ୍ୱାସ୍ଥ୍ୟ ନୀତିର ପ୍ରସାରଣ, ସ୍ୱଦେଶୀ ଦ୍ରବ୍ୟର ପ୍ରଚଳନାଦିର ଚେଷ୍ଟାରେ ବ୍ୟାପୃତ ହେଲେ ।

ତାଙ୍କ ପ୍ରଚୁର ଓ ଉଦ୍ୟମ ଫଳରେ ପ୍ରଜାଗଣ ବିଶେଷ ସୁଖ ସମୃଦ୍ଧି ଲାଭ କଲେ । ସ୍ୱୟଂ ଜମିଦାର ପୁତ୍ର, ତାଙ୍କର ଏତାଦୃଶ ହିତାକାଙ୍କ୍ଷୀ ଦେଖି ତାଙ୍କ କାର୍ଯ୍ୟରେ ବାଧା ଦେବା ଦୂରେ ଥାଉ ତାଙ୍କୁ ସମସ୍ତେ ସାହାଯ୍ୟ କଲେ । ଯେ ପର ପାଇଁ ଭାବେ ସେ କଣ ପରର ମନ କିଣି ପାରିବ ନାହିଁ ?

ଦ୍ୱାରକାନାଥ ଥିଲେ ଚନ୍ଦ୍ରୋଦୟଙ୍କର ଜ୍ୟେଷ୍ଠ ଭ୍ରାତା ତୁଲ୍ୟ । ତାଙ୍କ ସହିତ ମିଳିତ ହୋଇ ବିଭିନ୍ନ ସଭା ସମିତିମାନଙ୍କରେ ଯୋଗ ଦେଇ, ସାହିତ୍ୟ କ୍ଷେତ୍ରରେ ନବ ନବ ଚିନ୍ତା ସମନ୍ୱିତ ଉପାଦେୟ ପୁସ୍ତକାବଳୀ ରଚନା କରି ଅଳ୍ପ ଦିନ ମଧ୍ୟରେ ଚନ୍ଦ୍ର ଓଡ଼ିଶାରେ ସ୍ଥାୟୀ ଯଶଃ ଅର୍ଜନ କଲେ । ଦ୍ୱାରକା-ନାଥ ପରିଚାଳିତ "ସମାଜ ବନ୍ଧୁ" ପତ୍ରିକା ତାଙ୍କର ଲେଖା ବକ୍ଷରେ ଧାରଣ କରି ପାଠକବର୍ଗର ଚିତ୍ତ ବିନୋଦନ କଲା । ଚନ୍ଦ୍ରୋଦୟ ଯେପରି ନିର୍ଭୀକ, ସେହିପରି ସରଳ, ସତ୍ୟବାଦୀ ଓ ଗୁଣଗ୍ରାହୀ ଥିଲେ ।

ତଥାପି ତାଙ୍କର ପିତା ତାଙ୍କର ପକ୍ଷପାତୀ ନ ଥିଲେ । କାରଣ ତାଙ୍କ ଆଶା ନିର୍ମୂଳ କରି ସେ କଲେଜ ଛାଡିଥିଲେ । ଚନ୍ଦ୍ର ପିତାଙ୍କ ମନୋଭାବ ବୁଝି ତାଙ୍କଠାରୁ ଏକ ପ୍ରକାର ଦୂରେ ଦୂରେ ବାସ କରୁଥିଲେ । ଆଉ ଏହା ହିଁ ଥିଲା ତାଙ୍କ ଜୀବନର ପ୍ରଧାନ ଦୁଃଖ ।

୮

# ଅଭାଗିନୀ

ଲକ୍ଷ୍ମୀଙ୍କ ପିତୃ-ଗୃହ ସମୀପରେ ରାଧା ନାମ୍ନୀ ଜଣେ ପରମ ବୈଷ୍ଣବୀ ମାତା ବାସ କରୁଥିଲେ । ଭଜନ ପୂଜନ ନାମକୀର୍ତ୍ତନା-ଦରେ ତାଙ୍କର ଅସାଧାରଣ ଭକ୍ତି । ଲକ୍ଷ୍ମୀ ଥିଲା ମାତାଙ୍କର ପରମ ସ୍ନେହର ପାତ୍ରୀ । ବିଧବା ହେଲା ଦିନୁଁ ମାତାଙ୍କ ସହବାସରେହିଁ ଲକ୍ଷ୍ମୀର ଦିନାତିପାତ ହେଉଥିଲା । ତାଙ୍କର ଅପୂର୍ବ ଭକ୍ତି, ଐକାନ୍ତିକ ସାଧନାରେ ଲକ୍ଷ୍ମୀ ମଧ୍ୟ ବହୁଦିନୁଁ ବୈଷ୍ଣବୀ ହେବାର ବାସନା କରିଥିଲା । କିନ୍ତୁ ପିତାଙ୍କ ଜୀବଦ୍ଦଶାରେ ତାହାର ସମ୍ଭାବନା ନ ଥିଲା ।

ଶେଷକୁ ନବଘନର ଅତ୍ୟାଚାରର ସହି ନ ପାରି ଲକ୍ଷ୍ମୀ ମାତାଙ୍କ କଥାରେ ସମ୍ମତା ହୋଇ ସନ୍ନ୍ୟାସ ଗ୍ରହଣାର୍ଥେ ଗୃହ ତ୍ୟାଗ କଲା । ଲକ୍ଷ୍ମୀକୁ ମାତା କହିଥିଲେ ସେ ବୃନ୍ଦାବନ ଧାମରେ ଜୀବନର ଶେଷାଂଶ ଯାପନ କରିବେ । ସଦାଧର୍ମ୍ମ ପିପାସିନୀ ଲକ୍ଷ୍ମୀର ତାଙ୍କ ସହିତ ଗୃହ ତ୍ୟାଗକରି ସେଥିପାଇଁ ମନରେ ତିଳାର୍ଦ୍ଧ ଅନୁଶୋଚନା ଜାତ ହେଲାନାହିଁ ।

ପରମ ରମଣୀୟ ଧାମ ବୃନ୍ଦାବନରେ ଲକ୍ଷ୍ମୀର ପରମାନ-ନ୍ଦରେ ଦିନ କଟିଲା । ମାତାଙ୍କର ଆହୁରି କେତେ ଶିଷ୍ୟାଙ୍କୁ ନିଜର ସଙ୍ଗିନୀରୂପେ ଲାଭକରି ତାହାର ଆନନ୍ଦର ସୀମା ରହିଲା ନାହିଁ । ନିତ୍ୟ ଭଜନ କୀର୍ତ୍ତନ, ଯମୁନାର ପବିତ୍ର ଜଳରେ ସ୍ନାନ କରି ଲକ୍ଷ୍ମୀ ନବ ଜୀବନ ଲାଭ କଲା । ତାହାର ହୃଦୟ ନବ ସୁଖରେ ବିହ୍ୱଳ ହୋଇଗଲା । କିନ୍ତୁ ଏ ସୁଖ ମଧ୍ୟ ସେ ବେଶି ଦିନ ଭୋଗିପାରିଲା ନାହିଁ ।

କ୍ରମେ ନିଜର ପ୍ରକୃତ ଅବସ୍ଥା ଜଣା ପଡିଲା । ଉମା, ଭାରତୀ-ସୁନ୍ଦରୀ, ଶଙ୍କରୀ, ଭବାନୀ ଯେ କି କୁକ୍ରିୟାରେ ଲିପ୍ତ, ଏହା ଲକ୍ଷ୍ମୀ ଜାଣିପାରି ଘୃଣାରେ ତାହାର ସର୍ବାଙ୍ଗ ଜଳି ଉଠିଲା । ସେ ଏପରି ଭ୍ରଷ୍ଟତପସ୍ୱିନୀମାନଙ୍କ ଗୁପ୍ତଲୀଳା ମାତାଙ୍କ ସମୀପରେ ନିବେଦନହିଁ ଶ୍ରେୟଃ ବିଚାରି କରି ଦିନେ ସନ୍ଧ୍ୟାସମୟରେ ଏକାକିନୀ ତାଙ୍କର ଅଧିବାସ କୁଟୀରକୁ ଗଲା । ସେତେବେଳେ ମାତା ଜପନିରତା, ଲକ୍ଷ୍ମୀ ଅନେକ ବେଳ ଅପେକ୍ଷା କଲା ।

ମାତା ଜପ କରୁଛନ୍ତି, ଶ୍ରୀକୃଷ୍ଣଙ୍କର ଲଳିତ ନୀଳେନ୍ଦୀବର ସୁଷମା ସମ୍ମୁଖ-ସ୍ଥାପିତ ଚିତ୍ରପଟରେ ଦେଦୀପ୍ୟମାନ । ଚିତ୍ରକୁ ଅନାଇ ସେ ଯେପରି ବିଭୋଳ । ଆଖିରୁ ଅଶ୍ରୁ ଦର ଦର ବହୁଛି । ବହୁକ୍ଷଣ ପରେ ଧ୍ୟାନ ଭଗ୍ନହେଲାରୁ ଲକ୍ଷ୍ମୀଙ୍କ ଉପରେ ତାଙ୍କର ଦୃଷ୍ଟି ପଡିଲା । ସେ ଆଦରରେ ତାହାକୁ କୋଳକୁ ଟାଣି ଆଣି ମୁଣ୍ଡରେ ହାତ ବୁଲାଇ ଆସିବାର କାରଣ ପଚାରିଲେ । ଲକ୍ଷ୍ମୀର ପ୍ରଥମେ ବଡ଼ ଭୟ ହେଲା । ପରେ ସାହସ ବାନ୍ଧି ଅଧ ଅଧ ଖଣ୍ଡ କଥାରେ ଯାହା ଦେଖିଥିଲା ସବୁ ଜଣାଇଲା । ମାତା ବିସ୍ମିତା ନ ହୋଇ ବରଂ ଦରହାସ୍ୟ ରଞ୍ଜିତ ଅଧରରେ କହିଲେ, "ମା, ଏତ ପାପ ନୁହେଁ, ବୃନ୍ଦାବନରେ ପାପ ବା କେଉଁଠାକୁ ଆସିବ ? ଏତ ଶ୍ରୀକୃଷ୍ଣଙ୍କ ଲୀଳାଭୂମି । ଏଠାରେ ପ୍ରତ୍ୟେକ ପୁରୁଷତ ଶ୍ରୀକୃଷ୍ଣଙ୍କ ଅଂଶ-ସମ୍ଭୂତ, ଆଉ ପ୍ରତ୍ୟେକ ନାରୀ ତ ତାଙ୍କର ମହାହ୍ଲାଦିନୀ ଶକ୍ତି ଶ୍ରୀମତୀ ଶ୍ରୀରାଧିକାଙ୍କର ଅଂଶଜାତା ।" ମାତାଙ୍କର ଆଉ ଅନ୍ୟାନ୍ୟ ଯୁକ୍ତି ଲକ୍ଷ୍ମୀର କର୍ଣ୍ଣ କୋଠରରେ ସୁଦ୍ଧା ପ୍ରବେଶ କଲା ନାହିଁ । ନିଜର ଅଭାଗ୍ୟ କପାଳ କଥା ଚିନ୍ତା କରି ସେଦିନ ସେ ବହୁତ କାନ୍ଦିଲା, ବିଧାତାଙ୍କୁ ନିନ୍ଦିଲା, ସମାଜକୁ ଭର୍ତ୍ସନା କଲା । କିନ୍ତୁ ବଡ଼ ଭାବନା ହେଲା ତାହାର ନିଜ ,ସକାଶେ । ଏଥର ସେ

କରିବ କ'ଣ ? ଦିନରାତି ଈଶ୍ବରଙ୍କୁ ଡାକିବା ଭିନ୍ନ ଆଉ ତାହାର ଉପାୟ ନ ଥିଲା ।

ଯମୁନା କୂଳରେ ଗୋଟିଏ ନିଭୃତ ସ୍ଥାନରେ ବକୁଳ ବୃକ୍ଷଟିଏ ଥିଲା । ଲକ୍ଷ୍ମୀ ସେଦିନ ସନ୍ଧ୍ୟାବେଳେ ତାହାର ମୂଳରେ ବସି କାନ୍ଦୁଥିଲା, ଆଉ ଥରେ ଥରେ ପବନଡୋଳାୟିତ ଯମୁନାକୁ ଅନାଉଥିଲା । ନୀଳ ବୀଚିମାଳା-ଭଙ୍ଗିନୀ, ରଙ୍ଗିଣୀ ଯମୁନା ଉଦ୍ଦାମ ନୃତ୍ୟରେ ଯେପରି ଅନନ୍ତ ସ୍ରୋତ ପଥରେ ବହି ଚାଲି ଯାଉଛି, କଳନାଦରେ ଗୀତ ଗାଇ ଯାଉଛି, ମାନବ ଜୀବନର ଅସାରତାହିଁ ଯେପରି ସେ ଗୀତର ଭାବ । ଲକ୍ଷ୍ମୀ ଆଜି ବୈଷ୍ଣବୀର ଆଶ୍ରମ ତ୍ୟାଗକରି ଆସିଛି, ଆଉ ସେ ସେଠାକୁ ଫେରିଯିବ ନାହିଁ । ସଂସାରରେ ତାହାର ସ୍ଥାନ ଆଉ ନ ଥାଉ ଆଜି ଏ ନଦୀ ବକ୍ଷରେ ତାହାର ସ୍ଥାନ ହେବ ନିଶ୍ଚୟ ! ଲକ୍ଷ୍ମୀ ଅନେକ ଭାବିଲା, ଅନେକ ଚିନ୍ତିଲା, ହୃଦୟ ଆଜି ତାହାର ଅତ୍ୟନ୍ତ ବ୍ୟାକୁଳ, ଥରେ ଥରେ ଭାବିଲା ମାତା କଥାରେ ସେ ସମ୍ମତା ହୋଇଥିଲେ ତାହାର କ୍ଷତି କ'ଣ ଥିଲା ? ସେ କ'ଣ ଯୁବତୀ, ରୂପବତୀ ନୁହେଁ ? ମାତା କହୁଥିଲା ସେ ଅନାଘ୍ରାତ କୁସୁମ, ଦେବଭୋଗ୍ୟା ! ସନ୍ନ୍ୟାସୀ ନିଲୋଚନ ଦେବତୁଲ୍ୟ, ତାଙ୍କ ପଦସେବା ଦ୍ୱାରା ସେ ଶ୍ରେୟଃ ଲାଭ କରନ୍ତା । କିନ୍ତୁ ଲକ୍ଷ୍ମୀର ହୃଦୟ ନିଲୋଚନଙ୍କୁ ଘୃଣା କଲା । କଣ୍ଠୀ ବଦଳରେ ସମ୍ମତା ହେଲା ନାହିଁ । କଣ୍ଠୀ ବଦଳ ପୂର୍ବରୁ ଯମୁନାର ଶୀତଳ ଜଳରେ ନିଜର ଶରୀର ଚିରନିମଜ୍ଜନ ବାଞ୍ଛାରେ ଆଜି ଅଭାଗିନୀ, ଅନାଥିନୀ ଲକ୍ଷ୍ମୀ ବସି ଇତସ୍ତତଃ ଚିନ୍ତା କରୁଥିଲା ।

ଆତ୍ମହତ୍ୟା ମହାପାପ ! କିନ୍ତୁ ସତୀତ୍ୱ ବିକ୍ରୟ କି ତହୁଁ ବଳି ପାପ ନୁହେଁ । ଆର୍ଯ୍ୟ ରମଣୀର ହୃଦୟ କି ସତୀତ୍ୱ ବିନିମୟରେ

ସୁଖ ସୌଭାଗ୍ୟ ଚାହେଁ ? ନାଁ, ଲକ୍ଷ୍ମୀ କିଛି ଚାହେଁ ନାହିଁ । ଲକ୍ଷ୍ମୀ ଚାହେଁ ଧର୍ମ ! ଧର୍ମ ସକାଶେ ସେ ଗୃହ-ତ୍ୟାଗ କରିଥିଲା । ଗୃହରେ ଥିଲା ନାଗସର୍ପ ନବଘନ; ଆଉ ଏଠାରେ ଭେଟିଲା କାଳୀୟ ଭୁଜଙ୍ଗ ତ୍ରିଲୋଚନ !, ଦାରୁଣ ନୈରାଶ୍ୟରେ ଲକ୍ଷ୍ମୀ ଏଥର ଆତ୍ମହତ୍ୟା ସକାଶେ ଅଗ୍ରସର ହେଲା ।

ସେତେବେଳେ ରାତି ଦୁଇଘଡ଼ି; ଆକାଶରେ ଅସଂଖ୍ୟ ତାରା ଫୁଲ୍ଲକୁସୁମ ସଦୃଶ ବିକଶିତ । ବଙ୍କିମ ରଜତ ରେଖାତୁଲ୍ୟ ଇନ୍ଦୁ ନିଜର ସୌନ୍ଦର୍ଯ୍ୟ ପ୍ରକଟିତ କରୁଥିଲା । ଗଛରୁ ବକୁଳଫୁଲ ଗୁଡ଼ିଏ ଝଡ଼ି ପଡ଼ୁଥିଲେ । ଲକ୍ଷ୍ମୀ ଥରେ ଈଶ୍ୱରଙ୍କୁ ସ୍ମରଣ କଲା । ଥରେ କୋହରେ ପଡ଼ିଗଲା । ଥରେ ଆକାଶକୁ ଅନାଇଲା । କିନ୍ତୁ ପରକ୍ଷଣରେ ଆଖି ପୋଛି ଡେଇଁ ପଡ଼ିଲା ।

ଆଜି ତାହାର ସବୁ ଯନ୍ତ୍ରଣାର ଅବସାନ । ଆତ୍ମବଳି ଦାନରେ ଆଜି ସେ ସତୀତ୍ୱ ରକ୍ଷା କଲା । ଯମୁନାର ଘନ, ନୀଳ, ବାରିରାଶି ତାହାର ପବିତ୍ର ଦେହକୁ ବହନ କରି କେଉଁଆଡ଼େ ବହିଗଲା ! ଲକ୍ଷ୍ମୀର ସତୀତ୍ୱ ରକ୍ଷାକରି ଆଜି ଯମୁନା ମାତାର କାର୍ଯ୍ୟ କଲା । ବହିଯାଅ ଯମୁନେ ! ବହିଯାଅ । ଭାରତ ବକ୍ଷରେ ବହି ଚାଲିଯାଅ । ଭାରତର ଲକ୍ଷ ଲକ୍ଷ ବିଧବାର ଦୁଃଖଗାଥା ତୁମ୍ଭର କରୁଣ କଲଧ୍ୱନିରେ ଗାଇ ଯାଅ; ଭାରତ ଶୁଣୁ, ବିଧବାର ଦୁଃଖ ଦୂରୀକରଣାର୍ଥେ ତତ୍ପର ହେଉ ।

ଯମୁନା ଶୁଣିଲା କି ନାହିଁ କିନ୍ତୁ ବହି ଚାଲିଲା । ଭାରତସୁତର ନିର୍ମମ ବ୍ୟବହାର କଥା ଭାବି ଯମୁନା କାନ୍ଦି କାନ୍ଦି ବହିଗଲାପରି । ଯମୁନାର କାନ୍ଦିବାର କାରଣ ଥିଲା । ଯେଉଁ ଭାରତରେ ସଧବା ଦମୟନ୍ତୀଙ୍କର ପତି ଅନ୍ତର୍ଦ୍ଧାନରେ ଋତୁପର୍ଣ୍ଣ ସହିତ ପୁନଃ

ସ୍ୱୟମ୍ବର ବ୍ୟବସ୍ଥା ହୋଇଥିଲା, ବାଲବିଧବାର ଚିରବୈଧବ୍ୟ ରକ୍ଷା ହେଲା ତାହାର ଧର୍ମ । କୁନ୍ତୀ, ସତ୍ୟବତୀ, ପିତୃଗୃହରେ ସନ୍ତାନ ପ୍ରସବ କରି ମଧ୍ୟ ଯେଉଁ ଭାରତଭୂମିରେ ତାଙ୍କ ସକଟେ ସ୍ୱାମୀର ଅଭାବ ଘଟି ନ ଥିଲା, ଗୋଟିଏ କନ୍ୟାକୁ ପାଞ୍ଚବର ଏକବ ବିବାହ କଲେ ମଧ୍ୟ ନାରୀର ସତୀତ୍ୱହାନି ହୋଇ ନ ଥିଲା, ସେ ଦେଶରେ ପୁଣି ବାଲବିଧବାଙ୍କର ଦ୍ୱିତୀୟ ପତି ଗ୍ରହଣରେ ସମାଜ ରସାତଳକୁ ଯିବାର ଆଶଙ୍କା ।

ସମାଜର କଥା ଭାବି ଯମୁନା କାନ୍ଦୁଥିଲା ପରା ! ଆଉ ଭାବୁଥିଲା ପୁରୁଷର ସ୍ୱାର୍ଥପରତା, ପୁରୁଷ ରଚିତ ଶାସ୍ତ୍ରର ଅଧର୍ମିକା ଏବଂ ନାରୀର ଦୁର୍ଗତି । କାରଣ ଯମୁନାର ହୃଦୟ ଜନନୀର କୋମଳ ଅନ୍ତଃକରଣ ସ୍ନେହରେ ଢ଼ଳ ଢ଼ଳ, ଛଳ ଛଳ ।

୯

# ଭାରତ ନାରୀ

ସଦ୍ୟଜଳୋତ୍ଥିତା ଲକ୍ଷ୍ମୀ ଚେତନା ଲାଭ କରି ଯେତେ-ବେଳେ ଅନାଇଲା, ଦେଖିଲା ତାହାର ମସ୍ତକ ନିକଟରେ ଉପବିଷ୍ଟ ଜଣେ ଋଷିତୁଲ୍ୟ ଦୀର୍ଘକାୟ ବୃଦ୍ଧ; ତାହାଙ୍କ ପ୍ରଶାନ୍ତ ନେତ୍ର ଜ୍ୟୋତିଃରେ ଲକ୍ଷ୍ମୀର ମନେ ହେଲା, ସତେ ଯେପରି ସେ ଦେବ-ଲୋକରେ ଉପସ୍ଥିତ, ଏ ନିଶ୍ଚୟ ଜଣେ ନିଧବବାସୀ ଦେବତା ! ତାଙ୍କର ମୁଖକୁ ଚାହିଁ ଚାହିଁ ତାହାର କ୍ଷୀଣ ହୃଦୟ ପୁଣି ସବଳ ହେଲା ।

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସୁପଣ୍ଡିତ ସ୍ୱାମୀ ସଦାନନ୍ଦଙ୍କ ଉପଯୁକ୍ତ ଶୁଶ୍ରୂଷା ଫଳରେ ଲକ୍ଷ୍ମୀ ନବ ଜୀବନ ଲାଭ କରି ଯେତେବେଳେ ଉଠି ବସିଲା, ସେତେବେଳେ ନୌକା ପୂର୍ଣ୍ଣତୋୟା ନଦୀର ବକ୍ଷ ଭେଦ କରି ତୀର ବେଗରେ ଗୁଲୁଥିଲା । ଲକ୍ଷ୍ମୀ ଯେଉପରି ତାହାର ଅଙ୍କରେ ଆଶ୍ରୟ ଲାଭ କରିଥିଲା ସେ ବୁଝି ନ ପାରି କେବଳ ବିସ୍ମୟ-ବିମୂଢ଼ ଦୃଷ୍ଟିରେ ସଦାନନ୍ଦଙ୍କୁ ଗୁହିଁ ରହିଲା । ଲକ୍ଷ୍ମୀର ହଠାତ୍ ମନେ ହେଲା ଏ କୌଣସି ଶତ୍ରୁ ନୁହନ୍ତି ତ ? ତାହାର ହୃଦୟ ବଡ ଜୋରେ ଜୋରେ ସ୍ପନ୍ଦିତ ହେଲା । ସେ ପୁଣି ମୂର୍ଚ୍ଛିତା ହେଲା

ଲକ୍ଷ୍ମୀର ଶୀର୍ଷଦେଶରେ ଆସୀନ ଏ ଯୁବକଟି କିଏ ? ପାଠକ, ଏହାଙ୍କୁ କେବେ ଦେଖିଥିଲ କି ? ଏ ତେଜସ୍ୱୀ, ଉନ୍ନତ ଲଲାଟ, ସୌମ୍ୟ ବଦନ, ସ୍ନିଗ୍ଧ କାନ୍ତି, କରୁଣ ନେତ୍ର, ଯୁବକ ଆମ୍ଭର ପୂର୍ବପରିଚିତ ଚନ୍ଦ୍ରୋଦୟ, ସ୍ୱାମୀଜୀଙ୍କ ପରମ ସ୍ନେହାସ୍ପଦ ଶିଷ୍ୟ । ସ୍ୱାମୀଜୀଙ୍କ ଔଷଧ ଗୁଣରେ ଲକ୍ଷ୍ମୀ ବର୍ତ୍ତମାନ ନିଦ୍ରିତା, ଆଜି ଚନ୍ଦ୍ରୋଦୟ ତାହାର ଶିରୋଦେଶରେ ମୌନଭାବେ ବସି ଚିନ୍ତାନ୍ୱିତ, ତାଙ୍କର ପ୍ରଧାନ ଚିନ୍ତାର ବିଷୟ ଥିଲା, "ଭାରତ ରମଣୀର ଅବସ୍ଥା ।" ସଦ୍ୟ ଜଳୋତ୍ତୋଳିତା ତରୁଣୀର ମୁଖକୁ ନିରୀକ୍ଷଣ କରି ସେ ଭାବୁଥିଲେ, ଏହାହିଁ କି ସୀତା ସାବିତ୍ରୀଙ୍କ ଅଂଶ ସମ୍ଭୂତାଙ୍କର ଚରମ ଗତି । ଯେଉଁ ଦେଶରେ ନାରୀର ସମ୍ମାନ, ନାରୀର ବିଦ୍ୟା, ନାରୀର ସତୀତ୍ୱ ପୂଜାର ସାମଗ୍ରୀ, ଯେଉଁ ଦେଶର ଋଷି ରସନାରେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ" ଏହି ମହାବାଣୀ ଉଚ୍ଚାରିତ ହୋଇଥିଲା, ମହାଶକ୍ତି ମହାଲକ୍ଷ୍ମୀ ମହାବିଦ୍ୟା ଇତ୍ୟାଦି ସମଗ୍ର ଶ୍ରେଷ୍ଠ ଆଖ୍ୟା, ଶ୍ରେଷ୍ଠ ପ୍ରକୃତି, ନାରୀତ୍ୱକୁ ବୁଝାଉଥିଲା, ସେହି ଦେଶର ନାରୀ, ଆଜି କୁଳକଳଙ୍କିନୀ-ଆତ୍ମଘାତିନୀ ।

ଏମାନଙ୍କର ସଂସାରର କ'ଣ କିଛି ଉପାୟ ନାହିଁ ? ଭାବୁଁ ଭାବୁଁ ତାଙ୍କର ଲୋଚନ ଲୋତକ ପୂର୍ଣ୍ଣ ହେଲା, ସେ ସ୍ୱାମୀଜୀଙ୍କ ମୁଖକୁ ଅନାଇ ଧୀର କଣ୍ଠରେ କହିଲେ— "ବାବା ! ନାରୀଜାତିର ଦୁର୍ଦ୍ଦଶା ମୋଚନର କିଛି ଉପାୟ ନାହିଁ କି ?"

ସ୍ୱାମୀଜୀ ପ୍ରଶାନ୍ତ ସ୍ୱରରେ କହିଲେ—"ଉପାୟ ତୁମ୍ଭେମାନେ, ଦେଶର ଯୁବକବୃନ୍ଦ, ସମାଜର ଭାବି ଆଶା ଭରସାର ସ୍ଥଳ। ତୁମ୍ଭେମାନେ ଜାଗ୍ରତ ହେଲେ, ଭାରତର ନାରୀ ଶକ୍ତି ଦ୍ୱାରା ବିଶ୍ୱ ଚମକିତ କରି ପାରିବ।" ଯେଉଁ ନାରୀ ଶକ୍ତି, ଦିନେ ବିଶ୍ୱବାରା ଘୋଷା ରୂପରେ ପବିତ୍ର ଋଗ୍ବେଦ ଗାନ କରିଥିଲା, ମୈତ୍ରେୟୀ ରୂପରେ ଦର୍ଶନର ସୁଗଭୀର ତତ୍ତ୍ୱ ହୃଦୟଙ୍ଗମ କରିଥିଲା, ସାବିତ୍ରୀରୂପରେ ମୃତ୍ୟୁଞ୍ଜୟୀ ହୋଇଥିଲା; ସୀତା ରୂପରେ ପୃଥିବୀ ଦ୍ୱିଧା କରିଥିଲା, ସେ ମହିଷ-ମର୍ଦ୍ଦିନୀ, ଚଣ୍ଡୀରୂପିଣୀ, ପ୍ରେମମୂର୍ତ୍ତି ରାଧାରୂପିଣୀ, ବିଦ୍ୟାରୂପିଣୀ ସରସ୍ୱତୀ, ଧନଧାନ୍ୟ-ଧାରିଣୀ ଲକ୍ଷ୍ମୀ ତୁମ୍ଭର ତ ଜନନୀ, ଭଗିନୀ। ତୁମ୍ଭେ ତାଙ୍କୁ କାର୍ଯ୍ୟ କ୍ଷେତ୍ରକୁ ଡାକ। ଦେଖିବ ପୁରୁଷ ଦେହରେ ପ୍ରାଣ-ସଞ୍ଚାର ହେବ, କର୍ମ୍ମ ମଧ୍ୟରେ ଧର୍ମ୍ମ ଦୀପ୍ତି ପ୍ରକାଶ କରିବ, ସୁପ୍ତ ଭାରତ ପୁଣି ସିଂହବିକ୍ରମରେ ଉଠିବ।

ଚନ୍ଦ୍ରୋଦୟ ଭକ୍ତିଭରେ ମସ୍ତକ ଅବନତ କରି କିଛିକ୍ଷଣ ପରେ କହିଲେ, "କିନ୍ତୁ କି ଉପାୟରେ ସାଧିତ ହେବ ?" ସ୍ୱାମୀ ସଦାନନ୍ଦ ପୂର୍ବବତ୍ ପ୍ରଶାନ୍ତ ଭାବରେ କହିଲେ, "ଉପାୟ ତୁମ୍ଭମାନଙ୍କର ସ୍ୱାର୍ଥତ୍ୟାଗ, ନିଜର ଅହମିକା ଖର୍ବ କରିବା। ତୁମ୍ଭେମାନେ ଯଦି ଶାସ୍ତ୍ରରେ ଅଯଥା ଦୋହାଇ ନ ଦେଇ ଧୀର ସଂଯତ ଚିତ୍ତରେ ବିଚାର କରି ନାରୀକୁ ତାହାର ଅଧିକାର ଫେରାଇ ଦିଅନ୍ତ, ତାହାହେଲେ ତୁମ୍ଭର ନିଜର ଅଶେଷ ଉନ୍ନତି ସାଧିତ ହୁଅନ୍ତା।

ସୁମାତାର ପୁତ୍ରହୋଇ, ସୁପତ୍ନୀର ପତି ହୋଇ ଯୋଗ୍ୟା ଭଗିନୀଙ୍କ ସହିତ ଦେଶର ଦେଶର ହିତରେ ଆତ୍ମପ୍ରାଣ ବଳି ଦେଇ ପାରନ୍ତି। ଭାବ ଦେଖ, ପୁରୁଷର କାର୍ଯ୍ୟରେ ପ୍ରଧାନ ବାଧା କିଏ ସେ ? ପୁରୁଷର ପ୍ରତ୍ୟେକ ଉଚ୍ଚ ଚିନ୍ତା, ମହତ୍ କର୍ମର ମୂଳରେ ଅଲକ୍ଷିତ କୁଠାରଘାତ କିଏ କରୁଛି। ନାରୀକୁ ପୁରୁଷର ସହଧର୍ମିଣୀ କର ନିଅ; ହିନ୍ଦୁ ଶାସ୍ତ୍ରୋକ୍ତ ସହଧର୍ମିଣୀ, ସହକର୍ମିଣୀର ଅର୍ଥ ବାସ୍ତବରେ ସଫଳ ହେଉ।"

ଚନ୍ଦ୍ରୋଦୟ କହିଲେ—"ସ୍ତ୍ରୀମାନଙ୍କୁ ଆଧୁନିକ ପ୍ରଣାଳୀରେ ଶିକ୍ଷାଦାନର ବ୍ୟବସ୍ଥାରେ ସେମାନଙ୍କର ଉନ୍ନତି ହେବକି ?" ସ୍ୱାମୀ କହିଲେ—"ମୁଁ କୌଣସି ପ୍ରଣାଳୀର ପକ୍ଷପାତୀ ନୁହେଁ; ମୁଁ ଭାରତୀୟ ପ୍ରଣାଳୀର ପକ୍ଷପାତୀ।" ଭାରତ ଲକ୍ଷ୍ମୀଙ୍କୁ ଭାରତର ଉପଯୁକ୍ତା କନ୍ୟା; ସର୍ବଗୁଣାଲଂକୃତା ବଧୂ ପୁରୁଷର ନର୍ମ୍ମ ସଖୀ ନୁହେଁ, ଧର୍ମ୍ମ ସଖୀରେ ପରିଣତ ହେବା ଦେଖିଲେ ମୁଁ ସୁଖୀ ହେବ।" ତା' ପାଇଁ ସୁଦୂର ବିଦେଶକୁ ତୁମ୍ଭଙ୍କୁ ଯିବାକୁ ହେବ-ନାହିଁ। ଇଙ୍ଗ୍ଲାଣ୍ଡ, ଆମେରିକାର ଆଦର୍ଶରେହିଁ କେବଳ ନାରୀକୁ ଶିକ୍ଷିତା କରିବା ଆବଶ୍ୟକ ହେବନାହିଁ। ତୁମର ଶାସ୍ତ୍ର ଘାଣ୍ଟି ଦେଖ, ନାରୀ ଶିକ୍ଷାର ସର୍ବୋଚ୍ଚ, ସର୍ବଶ୍ରେଷ୍ଠ ପ୍ରଣାଳୀ ଦେଖି ପାରିବ। ଯେଉଁ ଦେଶରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ସର୍ବ ଜାତୀୟ ନର ନାରୀ ଶିକ୍ଷାଲାଭ କରୁଥିଲେ, କୁମାରୀ ସଂଘମିତ୍ରା ସୁଦୂର ସିଂହଳ ପର୍ଯ୍ୟନ୍ତ ଯାଇ ପାରିଥିଲେ, ସେ ଦେଶର ନାରୀଙ୍କ ସକାଶେ କେବଳ ପାଶ୍ଚାତ୍ୟ ଆଦର୍ଶ ଟାଣି ଓଟାରି ଆଣିବାର ପ୍ରୟୋଜନ କ'ଣ ଅଛି ବାବା। ଆମର ନ ଥାନ୍ତା ଆମେ ବିଦେଶରୁ ଗ୍ରହଣ କରନ୍ତୁ। ଆମର ଯେ ଅଛି। ଆମରି ଶିକ୍ଷା ସାଧନା ଫଳରେ ଆମ ନାରୀମାନେ ବିଶ୍ୱଶ୍ରେଷ୍ଠା ହୋଇଥିଲେ। ଭାବିଛ କି ପୁଅ,

ଓଡ଼ିଆ ଝିଅର ଆଜ ଦୁର୍ଦ୍ଦଶାର ଚରମ ସୀମା ଦେଖି, ଆମ ଦେଶରେ ଆଦୌ ନାରୀ ଶିକ୍ଷା ନ ଥିଲା। ଦଣ୍ଡୀ ଓଡ଼ିଆ ରମଣୀ ହୋଇ ସୁବିସ୍ତୀର୍ଣ୍ଣ କଳିଙ୍ଗ ରାଜ୍ୟର ସାମ୍ରାଜ୍ଞୀ ହୋଇଥିଲେ; ଓଡ଼ିଆ ରମଣୀ ଲୀଳାବତୀର ଉର୍ବର ମସ୍ତିଷ୍କରୁ ଜଗତ୍‌ପ୍ରଶସ୍ତ ଅଙ୍କ ଶାସ୍ତ୍ରର ଉତ୍ପତ୍ତି; ଓଡ଼ିଆ ଝିଅ ମାଧବୀ, ମାଦଳା ପାଞ୍ଜିର ଲେଖିକା। ଓଡ଼ିଆ ରମଣୀ କ'ଣ କରି ନ ପାରେ। ଦିନେ ଘୋଡ଼ାରେ ଚଢ଼ି ଯେ ଯୁଦ୍ଧ କରୁଥିଲା, ଚିତ୍ରଶିଳ୍ପରେ, ସଙ୍ଗୀତ କଳାରେ ବିଶ୍ୱମୋହିତ କରୁଥିଲା ସେହି ଓଡ଼ିଆ ରମଣୀର ପୂଜା ଆମ୍ଭେମାନେ ନୋହୁଁ କି! ଓଡ଼ିଆର କ'ଣ ନ ଥିଲା, ଓଡ଼ିଶାଦେଶରେ ଯାହା ନ ଥିଲା ଭାରତରେ ତାହା ନ ଥିଲା—କହୁଁ କହୁଁ ତାଙ୍କର କଣ୍ଠରୁଦ୍ଧ ହେଲା। ଆଖିରୁ ଲୁହ ଝରି ବକ୍ଷ ତିନ୍ତିଲା। କିଛିକ୍ଷଣ ପରେ ଗମ୍ଭୀର ସ୍ୱରରେ ସ୍ୱାମିଜୀ ଗୀତାରମ୍ଭ କଲେ।

"କଳା, କାବ୍ୟ, ଶିଳ୍ପଖଣି ଏ ଉତ୍କଳ,
ନିସର୍ଗ କମଳା ଲୀଳା-ଶତଦଳ,
ଆଜ ସେ ବିକଳ, ଆଜ ହୀନ ବଳ, ଅଛି କି ନ ଅଛି ଜୀବନ। ୧।

ସିଂହ ଗଜପତି, ଯେ ଦେଶ ଭୂପତି,
ଯେ ଦେଶ ଦେବତା ବିରଜା ଶ୍ରୀପତି,
ଅତୁଳ କୀରତି, ସେ ତ ବୀରଜାତି; କପାଇଁ ନିର୍ଜୀବ ଭଗନ।୨।

ଲକ୍ଷ୍ମୀ ଗୀତ ସ୍ୱରରେ ଜାଗ୍ରତ ହେଲା। ଏ କ'ଣ ନନ୍ଦନର ଗନ୍ଧର୍ବ ସଙ୍ଗୀତ। ସେ ନିର୍ବାକ୍ କୌତୁହଳରେ ସ୍ୱାମୀଜୀ ଓ ଚନ୍ଦ୍ରୋଦୟଙ୍କୁ ଅନାଇ ରହିଲା।

## ୧୦

# ଶାନ୍ତି କୁଟୀର

କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଭାର୍ଯ୍ୟା ସରସ୍ୱତୀଙ୍କ ସହିତ ସ୍ୱାମୀ ସଦାନନ୍ଦଙ୍କର ଲକ୍ଷ୍ମୀ ବିଷୟରେ ଅନେକ କଥା ହେଲାପରେ ସ୍ୱାମୀ ଦୁଃଖିତ କଣ୍ଠରେ କହିଲେ, ଲକ୍ଷ୍ମୀପତି ସାକ୍ଷାତ୍ ଲକ୍ଷ୍ମୀଙ୍କୁ ଆପଣାର ସହଧର୍ମିଣୀ ରୂପେ ଗ୍ରହଣ କରିବାକୁ କେହି ସାହସୀ ହେଉ ନାହାନ୍ତି ଏହା ପରିତାପର ବିଷୟ । ଦୋଷ ମଧ୍ୟରେ ସେ ବାଲ୍ୟ ବିଧବା । ନୋହିଲେ ଲକ୍ଷ୍ମୀତୁଲ୍ୟ ସର୍ବଗୁଣସମ୍ପନ୍ନା,ଅଟଳ ଧର୍ମମତି, ପବିତ୍ର ଚରିତ୍ର ନାରୀକୁ ପତ୍ନୀରୂପେ ଗ୍ରହଣ କରିବାଟା ଯେ କୌଣସି ପୁରୁଷର ସୌଭାଗ୍ୟ ।” ସରସ୍ୱତୀ ନମ୍ରମୁଖରେ କହିଲେ, “ବାବା, ବିଧବାକୁ ବିବାହ କରି ସମାଜଚ୍ୟୁତ ହେବାକୁ କାହାରି ସାହସ ନାହିଁ । ହିନ୍ଦୁ ଧର୍ମରେ ବିଧବା ବିବାହ ଯେ ନାହିଁ ।”

ସ୍ୱାମୀ—ମାଁ ! ତୁମ୍ଭେ କଣ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଜାଣିନାହିଁ ? ବିବାହ ସକାଶେ ସେ ଯାହା କରି ଯାଇଛନ୍ତି ଏପରି କେହିକରିନାହିଁ । ତାଙ୍କର ନିଜର ଗୋଟିଏ ବୋଲି ପୁଅକୁ ସେବାଲ ବିଧବାଟିକୁ ବିବାହ କରାଇଥିଲେ । ଦିନେ ଗୋଟିଏ ସାତବର୍ଷର ଝିଅ ତାଙ୍କୁ ଆସି ପ୍ରଣାମ କଲାରୁ ସେ ଆଶୀର୍ବାଦ କରି କହିଲେ, “ମାଁ, ତୁମ୍ଭର ଶୀଘ୍ର ବିବାହ ହେଉ, ଆଉ ତୁମ୍ଭେ ବିଧବା ହୁଅ, ମୁଁ ତୁମ୍ଭକୁ ଯେପରି ଦ୍ୱିତୀୟ ପତି ହସ୍ତରେ ଦେଇପାରେ । ଆମ ଝିଅମାନେ ବାଲବିଧବା ନ ହେଲେ ବିଧବା ବିବାହ ହେବ କେଉଁଠୁ ?” ବାଲ୍ୟ ବିବାହ ଯେ କିପରି ଘୋର ଅନିଷ୍ଟକାରୀ, ଏହାହିଁ ତାଙ୍କ କଥାର ଉଦ୍ଦେଶ୍ୟ ଥିଲା ।

ସରସ୍ୱତୀ ଅତି ଧୀର ଭାବେ କହିଲେ—ପିତଃ ! ହିନ୍ଦୁ ରମଣୀର ଦ୍ୱିତୀୟ ବିବାହ ଦ୍ୱାରା ସତୀତ୍ୱ ହାନି ହେବ ନାହିଁ କି ? ସେ କି ପତିବ୍ରତା ବୋଲି ଗଣିତ ହେବ ?

ସ୍ୱା—ମାଁ ! ହିନ୍ଦୁର ବିବାହ ପିଲା ଖେଳ ନୁହେଁ । ସାମାନ୍ୟ ରେଜେଷ୍ଟ୍ରି ବା କଣ୍ଟ୍ରାକ୍ଟ କି ଚୁକ୍ତିନାମା ନୁହେଁ; ହିନ୍ଦୁର ବିବାହ- ଦେହ ମନ ଆତ୍ମାର ବିବାହ, ଇହକାଳ ପରକାଳର ବିବାହ; ସାତ ବର୍ଷର କ୍ଷୁଦ୍ରଶିଶୁ କନ୍ୟା ଅବା ୧୦ । ୧୨ ବର୍ଷର ଅପ୍ରାପ୍ତ ବୟସ୍କ ବାଳକ କି ହିନ୍ଦୁର ବିବାହ ମନ୍ତ୍ରର ମର୍ମ୍ମାର୍ଥ ଗ୍ରହଣ କରି ସମଗ୍ର ବିଶ୍ୱ ଏବଂ ମହାନ୍ ପରମେଶ୍ୱରଙ୍କୁ ସାକ୍ଷୀକରି ପରସ୍ପରଠାରେ ଆତ୍ମ- ସମର୍ପଣ କରି ପାରନ୍ତି ? ଆର୍ଯ୍ୟଜାତିର ଆଜି ପ୍ରଧାନ ଅଧୋଗତିର କାରଣ ବିବାହ ମନ୍ତ୍ର ଉପେକ୍ଷା । ଯେ ବିବାହ କରେ ସେ ଯନ୍ତ୍ର- ଚାଳିତ ପରି ପର ହାତରେ 'ଠେକାହୋଇ ବିବାହ କରେ । ପୁରୋହିତ ସହିତ ନ ବୁଝି ମନ୍ତ୍ର ଉଚ୍ଚାରଣ କରି ଚାଲିଯାଏ, କିନ୍ତୁ ଯେ ବୁଝି ବିବାହ କରନ୍ତି, ବିବାହର ଅପାର ଦାୟିତ୍ୱ ସମ୍ପୂର୍ଣ୍ଣ ହୃଦୟଙ୍ଗମ କରି ଯେ ସେ ଭାର ମୁଣ୍ଡରେ ମୁଣ୍ଡାନ୍ତି, ସେହି ହୁଅନ୍ତି ଆଦର୍ଶ ଗୃହୀ ଏବଂ ସୁସନ୍ତାନର ଜନକ । ମାଁ ! ସବୁ ଆର୍ଯ୍ୟବିଧି ଲୁପ୍ତ ହେଲାଣି, ସବୁ କ୍ରିୟାକର୍ମ ଉଠି ଗଲାଣି; ଆମେ ହେଲୁଣି ଅନ୍ଧ- କୁସଂସ୍କାରର ଦାସ, କିନ୍ତୁ ମାଁ, ସେହି କୁସଂସ୍କାର ଗୁଡିକ ପୂର୍ବକାଳର ସୁସଂସ୍କାର ରହିଁ କଙ୍କାଳ ବିଶେଷ !

କୃଷ୍ଣଚନ୍ଦ୍ର ଘର ଭିତରକୁ ଆସି ସ୍ୱାମୀଜୀଙ୍କୁ ପ୍ରଣାମ କଲେ ବିଧବା ବିବାହର ଆଲୋଚନାରେ ସେ ମଧ୍ୟ ଯୋଗଦାନ ପୂର୍ବକ ଶାସ୍ତ୍ରୀୟ ପ୍ରମାଣ ଖୋଜିଲେ । 'ସଦାନନ୍ଦ ପରାଶର ସଂହିତାରୁ ଶ୍ଳୋକ ପାଠ କରି ଶୁଣାଇ ଦେଲେ । ସ୍ୱାମୀ ସ୍ତ୍ରୀ ନିର୍ବାକ୍ ! କିଛିକ୍ଷଣ ପରେ କୃଷ୍ଣଚନ୍ଦ୍ର କାତର କଣ୍ଠରେ କହିଲେ, "ପିତଃ ! ଶାସ୍ତ୍ରୀୟ ଆଦେଶ ଥିବା ସତ୍ତ୍ୱେ ଦଶଲକ୍ଷ ବାଲ୍ୟ ବିଧବାର ରକ୍ତ-ଲୋତକରେ ଭାରତ

ବୁଡ଼ ରହିଛନ୍ତି । ଏଡ଼େଶ ମସ୍ତକଉପରୁ ବିଧବାର ଅଭିଶାପ କେବେ ଦୂର ହେବ !

ସ୍ୱା—ମୋହର ଇଚ୍ଛା ବାଲ୍ୟ ବିଧବାଙ୍କର ବିବାହ ହୁଅନ୍ତୁ, ବୟସ୍କା ବିଧବା ସମାଜର ସେବାକାର୍ଯ୍ୟ ଓ ଦେଶହିତକର କାର୍ଯ୍ୟ ଗ୍ରହଣ କରନ୍ତେ; ଶିଶୁପାଳନର ଭାର ତାଙ୍କରି ଉପରେ ପଡ଼ନ୍ତୁ; ଆଉ ବିବାହିତା ନାରୀମାନେ ସ୍ୱାମୀର ପ୍ରକୃତ ସହଧର୍ମିଣୀ ହେବା ପାଇଁ ଶିକ୍ଷାପ୍ରାପ୍ତ ହୁଅନ୍ତେ ।

କିଛିକ୍ଷଣ କଥାବାର୍ତ୍ତା ପରେ ସ୍ୱାମୀ ସ୍ୱରସ୍ୱତୀଙ୍କ ସ୍ଥାପିତ "ଶାନ୍ତି କୁଟୀର" ପରିଦର୍ଶନ କରିବାକୁ ଗଲେ । ଶାନ୍ତିକୁଟୀର ବାଳିକା ଓ ବିଧାବାମାନଙ୍କର ଆଶ୍ରମ । ଆଶ୍ରମର ତତ୍ତ୍ୱାବଧାରିକା ଥିଲେ ସ୍ୱୟଂ ସରସ୍ୱତୀ, ତାଙ୍କ କନ୍ୟା ସତ୍ୟବତୀ ଓ ଲକ୍ଷ୍ମୀ ଉଭୟେ ବିଭିନ୍ନ ବିଭାଗର କାର୍ଯ୍ୟ ପରିଦର୍ଶନ କରୁଥିଲେ । ବିପିନ ବାବୁଙ୍କ ଅର୍ଥର ସଦ୍‌ବ୍ୟବହାର କରି ସ୍ୱାମୀ ସଦାନନ୍ଦ ବ୍ରହ୍ମପୁରରେ ଉକ୍ତ ଅନୁଷ୍ଠାନ କରିଥିଲେ ।

ବର୍ଷୀୟସୀ କରଣ ବିଧବା ଶ୍ରୀମତୀ ଶାନ୍ତିଲତା ସମଗ୍ର ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ, ସେ ଧନୀକନ୍ୟା ଓ ଜମିଦାର ପତ୍ନୀ ଥିଲେ । କୌଣସି ସ୍କୁଲ କଲେଜରେ ପଢ଼ି ନ ଥିଲେହେଁ ସେ ଗୃହଶିକ୍ଷା ଦ୍ୱାରା ଅନେକ ବିଦ୍ୟାର୍ଜନ କରିଥିଲେ । ଓଡ଼ିଆ, ଇଂରାଜୀ, ବଙ୍ଗଳା ତିନି ଭାଷାରେ ତାଙ୍କର ଯଥେଷ୍ଟ ଅଧିକାର ଥିଲା । ସେ କାହାରିକୁ ଭୟ ବା ଅଯଥା ଲଜ୍ଜା କରୁ ନଥିଲେ । ସ୍ୱାମୀଙ୍କ ଜୀବିତାବସ୍ଥାରେ ତାଙ୍କର ସହକାରିଣୀ ତୁଲ୍ୟ ଦେଶକାର୍ଯ୍ୟରେ ସର୍ବଦା ଅଗ୍ରସର ହେଉଥିଲେ ।

ସ୍ୱାମୀଙ୍କ ମୃତ୍ୟୁଅନ୍ତେ ଦୁଇଟି ଉପଯୁକ୍ତ ପୁତ୍ର ଏବଂ ପୁତ୍ରବଧୂଙ୍କ ହସ୍ତରେ ସଂସାରର ଭାର ଅର୍ପଣ କରି ଶାନ୍ତିଲତା ଦେଶ ସେବାର୍ଥ

ବହିର୍ଗତ ହେଲେ । ନାରୀ ଜାତିର ଉନ୍ନତି ତାଙ୍କର ସାଧନାର ବିଷୟ ଥିଲା । ସରସ୍ୱତୀଙ୍କ ସହିତ ମିଳିତ ହୋଇ ସ୍ୱାମୀଜୀଙ୍କ ନିର୍ଦ୍ଦେଶ ମତେ ସେ ଶାନ୍ତିକୁଟୀର ରଚନା କଲେ । ସେଠାରେ ବାଳିକାମାନଙ୍କର ଭାରତୀୟ ପ୍ରଣାଳୀରେ ବିଦ୍ୟା ଓ ଶିଳ୍ପ ଶିକ୍ଷାର ବନ୍ଦୋବସ୍ତ ହେଲା ।

ପ୍ରଥମେ କେହି ନିଜର କନ୍ୟା ବା ଭଗିନୀଙ୍କୁ ଉକ୍ତ ଆଶ୍ରମକୁ ପଠାଇବାପାଇଁ ସମ୍ମତ ହେଲେ ନାହିଁ । ଶାନ୍ତି ଦେଶର ଅବସ୍ଥା ଭଲରୂପେ ବୁଝିଥିଲେ । ସେ, ସରସ୍ୱତୀ, ସ୍ୱାମୀ ସଦାନନ୍ଦ ଓ କୃଷ୍ଣ ଚନ୍ଦ୍ର ଘରେ ଘରେ ବୁଲି ଲୋକଙ୍କୁ ଉପଦେଶ ଦେବାକୁ ଲାଗିଲେ । ଅନାଥା ଓ ଗୃହତ୍ୟାଗିନୀ କତିପୟ ବିଧବା ପ୍ରଥମେ ସେଠାରେ ଆଶ୍ରୟ ଲାଭକଲେ । କୁଳତ୍ୟାଗିନୀ ଅନେକଗୁଡ଼ିଏ ରମଣୀ ମଧ୍ୟ ସେଠାରେ ଗ୍ରାସାଚ୍ଛାଦନର ସୁବିଧା ପାଇ ଅସତ୍‌ପଥ ତ୍ୟାଗକରି ଶାନ୍ତିର ଆଶ୍ରୟରେ ରହିଲେ । ଶାନ୍ତି ସେମାନଙ୍କୁ ମାତୃବତ୍ ପାଳନ କରି ନାନା ବିଦ୍ୟା ଓ ଶିଳ୍ପଶିକ୍ଷା ଦେଲେ । କ୍ରମେ ସେମାନଙ୍କର ସଂସ୍କାର ହେଲା । ନାନାବିଧ ଅର୍ଥକର ବ୍ୟବସାୟ ଶିକ୍ଷାକରି ଆଶ୍ରମର ଧନ ବୃଦ୍ଧି କଲେ । ସିଲାଇ, ସୂତା ଓ ଉଲକାମ, ସୂତାକଟା, କାଇଁଶ ଓ ବାଉଁଶରେ ପାଚିଆଠାରୁ ଆରମ୍ଭ କରି ସବୁ ପ୍ରକାର ଭଲ ଭଲ ପଦାର୍ଥ ତିଆରି, ବଢ଼େଇ ଓ କମାର କାମ, ଶିଙ୍ଗ କାମ, ବାରି ବଗିଚା କାମ, ଶେଫେଇ ଇତ୍ୟାଦି ଯାହା ଯାହା ସ୍ତ୍ରୀ ଲୋକେ କରିପାରନ୍ତି, ସବୁ ସେମାନଙ୍କଦ୍ୱାରା ସୁଚାରୁରୂପେ ହେଲା । ଏହିପରି ଆଶ୍ରମର ଶ୍ରୀବୃଦ୍ଧି ହେଲା । କ୍ରମେ ଅନେକଗୁଡ଼ିଏ ଗୋରୁ ପାଳି ସହରରେ ନରେଲା ଦୁଧ ବିକି ଦ୍ୱାରା ଆଶ୍ରମର ଆୟ ବଢ଼ିଲା । ପୋଖରୀରୁ ବର୍ଷକୁ ବର୍ଷ ମାଛ ବିକି ହେଲା । ସେ ଆଶ୍ରମର ଖ୍ୟାତି ବିଦେଶରେ ମଧ୍ୟ ପ୍ରଚାରିତ ହେଲା । ଅନେକ କାମର ଫରମାସୀ ସୁଦୂର ବିଦେଶମାନଙ୍କରୁ ସୁଦ୍ଧା ଆସିଲା । କ୍ରମେ କ୍ରମେ ଲୋକମାନେ ଆପଣା-

ଝିଅମାନଙ୍କୁ ସେଠି ପାଠ ପଢିବାକୁ ଛାଡଥିଲେ । ଆଶ୍ରମର ନିୟମାନୁ-ସାରେ ପାଞ୍ଚ ବର୍ଷଠାରୁ ଚଉଦ ବର୍ଷ ମଧ୍ୟରେ ଝିଅମାନଙ୍କୁ ଭାରତୀୟ ଗୃହସ୍ଥଳୀର ଉପଯୁକ୍ତ ଶିକ୍ଷା ଦିଆଗଲା । ଚଉଦବର୍ଷ ହେଲେ ଅଭିଭାବକମାନଙ୍କ ଇଚ୍ଛାକ୍ରମେ ବିବାହ ସକାଶେ କେହି ବା କନ୍ୟାକୁ ନେଇ ଯାଉଥିଲେ, କେହି ବା ଉଚ୍ଚଶିକ୍ଷା ସକାଶେ ଆହୁରି ବର୍ଷେ ଦୁଇବର୍ଷ ଛାଡ ଦେଉଥିଲେ । ଯଦିଚ ଶିକ୍ଷା ସମ୍ପୂର୍ଣ୍ଣତା ସୂଚକ କୌଣସି ଗଭର୍ଣ୍ଣମେଣ୍ଟ ସାର୍ଟିଫିକେଟ ବାଳିକାମାନେ ପାଉ ନଥିଲେ, ସେମାନେ ଭବିଷ୍ୟତରେ ସୁଗୃହିଣୀ ଓ ସମାତା ହୋଇ ଆପଣା ଘର ଉଜ୍ଜ୍ୱଳ କରୁଥିଲେ ।

୧୧

## ସମାଜ ସେବିକା

ଅସାମାନ୍ୟା ବୁଦ୍ଧିମତୀ ଲକ୍ଷ୍ମୀର ଜୀବନର କି ପ୍ରକାର ଉନ୍ନତି ହେବ, ଏହା ଭାବି ସ୍ୱାମୀ ସଦାନନ୍ଦ ଶାନ୍ତିହସ୍ତରେ ତାହାର ଶିକ୍ଷା ଭାର ଅର୍ପଣ କରିଥିଲେ । ଦୁଇବର୍ଷ ମଧ୍ୟରେ ଲକ୍ଷ୍ମୀ ଶାନ୍ତିଙ୍କଠାରୁ ପ୍ରାପ୍ତବ୍ୟ ସବୁ ଶିକ୍ଷା ସମାପ୍ତ କରିବାରୁ କୃଷ୍ଣଚନ୍ଦ୍ର ତାହାର ଶିକ୍ଷା ବିଷୟରେ ନିଜେ ମନୋଯୋଗୀ ହେଲେ । କୃଷ୍ଣଚନ୍ଦ୍ର ସାହିତ୍ୟାନୁ-ରାଗୀ । ତାଙ୍କର ପ୍ରବନ୍ଧ, କବିତାଦି ପାଠକରି ଲକ୍ଷ୍ମୀ ମଧ୍ୟ ସାହିତ୍ୟାନୁ-ରାଗିଣୀ ହେଲା । ତାହାର ରଚିତ "ନିବେଦନ" ଶୀର୍ଷକ କବିତା ଯେତେବେଳେ ଜାଗରଣରେ ପ୍ରକାଶିତ ହେଲା, ସେତେବେଳେ "ଲକ୍ଷ୍ମୀ କିଏ ?" ଏହା ଗଞ୍ଜାମଠାରୁ କଟକ, ପୁରୀ, ବାଲେଶ୍ୱର ପର୍ଯ୍ୟନ୍ତ ଲୋକେ ପଚାରି ବୁଲିଲେ ।

ସଦାନନ୍ଦ ତାହା ପାଠ କରି ତାଙ୍କର ଚକ୍ଷୁରୁ ଆନନ୍ଦାଶ୍ରୁ ଝରିଲା । ଲକ୍ଷ୍ମୀର ପ୍ରତିଭାରେ ଦିନେ ଓଡ଼ିଶା ଗୌରବାନ୍ୱିତ ହେବ, ଏହାଭାବି ତାଙ୍କର ହୃଦୟ ଉଲ୍ଲସିତ ହୋଇ ଉଠିଲା ।

ଲକ୍ଷ୍ମୀ ଲେଖିଲା । ଜାଗରଣରେ ପୃଷ୍ଠା ପୃଷ୍ଠା ବ୍ୟାପୀ ପ୍ରବନ୍ଧ ଲେଖିଲା । ସମାଜବନ୍ଧୁରେ ଗଳ୍ପ ଲେଖିଲା, କବିତା ଲେଖିଲା । ସରସ୍ୱତୀ ପ୍ରେସରୁ ଯେତେବେଳେ ଓଡ଼ିଶାର ନବ ଲେଖିକା ଲକ୍ଷ୍ମୀର "ସାଧନା" ନାମକ ଗୀତିକବିତା ପୁସ୍ତକ ପ୍ରକାଶିତ ହେଲା, ତାହା ଅଳ୍ପଦିନରେ ଶତ ଶତ ଖଣ୍ଡ ବିକ୍ରୟ ହୋଇଗଲା । ସାଧନାର ପରେ ଦେଖାଗଲା, "ଅଶ୍ରୁଧାରା" । ସମାଜ କାନ୍ଦିଲା । ଲକ୍ଷ୍ମୀର ଲେଖାର କରୁଣ ରସରେ ସମାଜର ହୃଦୟ ତରଳିଗଲା । ସ୍ୱାମୀ ସଦାନନ୍ଦ ଓ କୃଷ୍ଣଚନ୍ଦ୍ରଙ୍କର ଉତ୍ସାହରେ ଏବଂ ଶାନ୍ତିର ଯତ୍ନରେ ଲକ୍ଷ୍ମୀର ରଚନା ଦିନୁଁ ଦିନ ଉନ୍ନତି ଆଡ଼କୁ ଅଗ୍ରସର ହେଲା । ଲୋକେ ଧନ୍ୟ ଧନ୍ୟ କହିଲେ ।

କିନ୍ତୁ ଲକ୍ଷ୍ମୀ ଗର୍ବିତା ହେଲା ନାହିଁ । ଶାନ୍ତିକୁଟୀରର ବିଧବା ଆଶ୍ରମରେ ଥାଇ ବିଧବାମାନଙ୍କର ରନ୍ଧାବଢ଼ାଠାରୁ ଘରଲିପା ପର୍ଯ୍ୟନ୍ତ ସେ ନିଜ ହାତରେ କରୁଥିଲା । ସେ ଯେ ମହା ପାପିନୀ । ଜନ୍ମଜନ୍ମାନ୍ତର ପାପ କରି ଆଜି ଏପରି ତାହାର ଅବସ୍ଥା ବିପର୍ଯ୍ୟୟ । ଏହା ଭାବି ସେ କର୍ମଫଳ କ୍ଷୟ ସକାଶେ କାର୍ଯ୍ୟ କରିବାକୁ ଲାଗିଲା । ଧର୍ମ ଭାବରେ ତାହାର ହୃଦୟ ପୂର୍ଣ୍ଣ । ନମ୍ରତାରେ, ବିନୟ ସୌଜନ୍ୟରେ ତାହାର ସର୍ବାଙ୍ଗରେ ଗୋଟିଏ କୋମଳ ସୌନ୍ଦର୍ଯ୍ୟ ଫୁଟି ପଡୁଥିଲା । ଆଉ ତାହାହିଁ ହେଲା ଶାନ୍ତିର ତା'ପ୍ରତି ଅସୀମ ବାତ୍ସଲ୍ୟର ହେତୁ ।

ଶାନ୍ତିର ପୁଅ ବୋହୂ ଥିଲେ, ସ୍ୱାମୀ ନଣନ୍ଦଙ୍କର ସ୍ନେହ ସୌହାର୍ଦ୍ଦ୍ୟସବୁ ସେ ଲାଭ କରିଥିଲେ । କିନ୍ତୁ ବିଧାତା ତାଙ୍କୁ

ଦେଇ ନ ଥିଲେ କେବଳ ଗୋଟିଏ କନ୍ୟା । ଆଜି ଲକ୍ଷ୍ମୀ ସେ ଅଭାବ ପୂରଣ କରୁଛି । ନିଜର ଆଦର୍ଶରେ, ନିଜର ଶିକ୍ଷାରେ ଗଢ଼ି ନେବାକୁ ଗୋଟିଏ ଝିଅ ଯେପରି ବିଧାତା ତାଙ୍କୁ ଦାନ କଲେ । ଶାନ୍ତ ପରମାଦରରେ ସେ ଝିଅଟିକୁ ମଣିଷ କରୁଥିଲେ । ସେତ ତାଙ୍କର ପ୍ରାଣର ଲକ୍ଷ୍ମୀ ।

ଘରେ ସଞ୍ଜ ବଳତା ଜାଳି ଲକ୍ଷ୍ମୀ ଯେତେବେଳେ ଉପାସନା କରି ବସିଲା, ଶାନ୍ତ ଆସି ଯୋଗ ଦେଲେ । ଉଭୟେ ପରମାଦରରେ ଗୀତା ପାଠ ସମାପ୍ତ କଲାପରେ ଲକ୍ଷ୍ମୀ କାନ୍ଦ କାନ୍ଦ ପଚାରିଲା, "ମାଁ, ମଣିଷ ଯେ ଯାହା କର୍ମ କରେ ତାହାର ଫଳ ଭୋଗକରେ; ସେଥି-ପାଇଁ କ'ଣ ଜଗତରେ ଏତେ ଦୁଃଖ, ଏତେ ଯନ୍ତ୍ରଣା । ମଣିଷ କ'ଣ ନିଜ ଇଚ୍ଛାରେ କର୍ମ କରେ । ଭଗବାନ ସବୁ ସବୁର ନିୟନ୍ତା ।" ଶାନ୍ତ ଲକ୍ଷ୍ମୀର ପ୍ରଶ୍ନର ଗୂଢ଼ାର୍ଥ ବୁଝିଲେ, ତାଙ୍କ ଆଖିକି ପାଣି ଆସିଲା । ସେ କୋମଳ କଣ୍ଠରେ କହିଲେ, "ମାଁ, ତୁ ଯାହା ପଚାରୁଛୁ ସେ ବଡ଼ କଠିନ ପ୍ରଶ୍ନ । ବଡ଼ ବଡ଼ ପଣ୍ଡିତ, ବଡ଼ ବଡ଼ ଜ୍ଞାନୀ ତାହାର ସଦୁତ୍ତର ଦେଇ ପାରି ନାହାନ୍ତି । ମୁଁ ତ ମୂର୍ଖ । କିନ୍ତୁ ମୋ' ମନରେ ହୁଏ ମାଁ, ଭଗବାନଙ୍କ ଇଚ୍ଛାରେ ଏକା ଏ ଦୁଃଖ କଷ୍ଟ ଜଗତରେ 'ପୂର୍ଣ୍ଣ' । ଆଉ ଏତେ ଦୁଃଖ କଷ୍ଟ ଦେଖିଲେ ହଠାତ୍ ମନରେ ହୁଏ, ଭଗବାନ କେଡ଼େ ନିଷ୍ଠୁର କିନ୍ତୁ ଯେତେବେଳେ ମନରେ ହୁଏ ଜୀବନଟା କେବଳ ୫୦।୬୦ ବର୍ଷର ନୁହେଁ, ସହସ୍ର ଲୋକ" ବ୍ୟାପୀ, ସେତେବେଳେ ମନର କ'ଣ ଯେ ହୋଇଯାଏ । ଏ ଦୁଃଖ ଯାତନା ଯେ ଆମକୁ ତାଙ୍କରି କତିକୁ ଠାଣୁଛି । ଏକାବେଳେ ସୁଖରେ ଥିଲେ ଧନେ କ'ଣ ଈଶ୍ୱର ବୋଲି ନାମ ଧରି ଥାଆନ୍ତି ?

ଲକ୍ଷ୍ମୀ ଏଥର ସତକୁ ସତ କାନ୍ଦ ପକାଇଲା । ଆଖି ପୋଛୁ ପୋଛୁ କହିଲା, "ମାଁ, ମୁଁ ସର୍ବଦା ଭାବେଁ, ମୋ' ଜୀବନଟା ବ୍ୟର୍ଥ, ଜଗତର ଅକାରଣ ବୋଝ, ମୁଁ ଯେମିତି ଗୋଟିଏ ଜଞ୍ଜାଳପରି ସମାଜରେ ପଡ଼ି ରହିଛୁ । କିନ୍ତୁ ତମକଥା ଶୁଣି ଭାବୁଛି, ମୋ ଜୀବନର ମଧ୍ୟ ଉଦ୍ଦେଶ୍ୟ ଅଛି । କେଉଁ ଘରେ, କେଉଁ ସମାଜରେ ଜନ୍ମ ହୋଇଥିଲି, ଆଉ ଆଜ ଆସିଲି କେଉଁଠିକି । ଏ କ'ଣ ପ୍ରଭୁଙ୍କର ମାୟା ନୁହେଁ ?

ଶାନ୍ତ ଭକ୍ତିଭରେ କହିଲେ, "ଏତ ପ୍ରଭୁଙ୍କର କୃପା । ତୋ ଦ୍ୱାରା ଓଡ଼ିଶାର ଉପକାର କରିବାକୁ ପ୍ରଭୁ ତୋତେ ଏତେ ଅଭିଜ୍ଞତା ମଧ୍ୟରେ ଏଠିକି ଟାଣି ଆଣିଲେ ।

ଲକ୍ଷ୍ମୀ—"ନୋହିଲେ ଯମୁନା ଜଳରେ ମୋହର ଦେହ ପଶି ସାରନ୍ତାଣି । ଆତ୍ମହତ୍ୟା ମହାପାପ, କିନ୍ତୁ ଅସହ୍ୟ ଯନ୍ତ୍ରଣା ନ ହେଲେ କ'ଣ କେହି ଆତ୍ମହତ୍ୟା କରିବାକୁ ଯାଏ । ଓହୋଃ ! ଜୀବନରେ ମଣିଷର କେଡ଼େ ମାୟା ।" ଶାନ୍ତ କିଛିକ୍ଷଣ କ'ଣ ଭାବିଲେ, ତା'ପରେ ଦୀର୍ଘନିଶ୍ୱାସସହ କହିଲେ, "ମାଁ ! ଓଡ଼ିଆ-ଘରେ କ'ଣ ଝିଅ ନାହାନ୍ତି ? ଦେଶରେ ଝିଅଙ୍କ ସକାଶେ ହଜାର ହଜାର କାମ ପଡ଼ିଛି, କିନ୍ତୁ ସମାଜରେ ଆଜ ଝିଅଙ୍କର କି ଦୁର୍ଦ୍ଦଶା । କିଏ ସମାଜର ଦୁଃଖ ସହି ନ ପାରି ଆତ୍ମହତ୍ୟା କରିବାକୁ ଯାଉଛି, କିଏ କୁଳତ୍ୟାଗ କରୁଛି, ପୁଣି କେଉଁଠାରେ ଅନୁପଯୁକ୍ତ ଶିକ୍ଷାଫଳରେ ନାରୀର ନାରୀତ୍ୱ, ବିଳାସିତାର ଚରମରେ ପରିଣତ ହେଉଛି । କିଏ ଆପଣା ଦୁଃଖରେ ବିଭୋର; କିଏ ଆପଣା ଗର୍ବରେ ଅନ୍ତଃସାର ଶୂନ୍ୟ । ଏ ଦୁଇ ଆଦର୍ଶର କୌଣସିଟା ହେଲେ ନାରୀଜାତିର ଉନ୍ନତିକର ନୁହେଁ । ଲକ୍ଷ୍ମୀ ! ତୁ ମାଁ ! ନାରୀର

ଆଦର୍ଶ ହେବୁ । ସମାଜ-ସେବିକା ହେବୁ, ମୋହର ଏହି ଆଶୀର୍ବାଦ ।”

ଲକ୍ଷ୍ମୀ ନୀରବରେ ଆଶୀର୍ବାଦ ଗ୍ରହଣକରି କହିଲା, “ମାଁ, ସେହି ଶିକ୍ଷା ମୋତେ ଦିଅ । ମୁଁ ଯେପରି ତୁମର ଆଦର୍ଶ କନ୍ୟା ହେବି ।”

ସେହିଦିନୁଁ ଲକ୍ଷ୍ମୀର ଚରିତ୍ର ଆହୁରି ଉନ୍ନତ ହେଲା । ସେ ବୁଝିଲା, ତାହାର ଜୀବନ ବ୍ୟର୍ଥ ନୁହେଁ । ସେ ସଂସାରର ଅସାର ଅଳିଆ ନୁହେଁ । ଭଗବାନ ତାହାର ଜୀବନରେ ଓଡ଼ିଶାର ନାରୀ-ସମାଜର ଉନ୍ନତି ସକାଶେ କାର୍ଯ୍ୟ କରିବା ଶକ୍ତି ଦେଇଛନ୍ତି ।

ଆହା ! ଆଜି ଲକ୍ଷ୍ମୀର କି ସୁଦିନ ! ଏତେ ବଡ଼ ସଂଚୟ ! ସେ ସମାଜ ସେବିକା । ଓଡ଼ିଶାର ନାରୀ ସମାଜ ତାହାକୁ ଚାହେଁ । ତାହାର ସେବା, ତାହାର ରଚନା, ତାହାର ଜ୍ଞାନ, ତାହାର ଶକ୍ତି ଓଡ଼ିଶାର ହିତ ସକାଶେ ଦେବାପାଇଁ ସେ ଜନ୍ମ ! ଆଜି ଯେ ସେ ଭାଗ୍ୟବତୀ । ଲକ୍ଷ୍ମୀ ଆପଣାର ଦୁଃଖ ଭୁଲିଲା । ନିଜର ବୈଧବ୍ୟ-ବିସ୍ମୃତ ହେଲା । ଜୀବନର ପୂର୍ବ ଘଟଣାସବୁ ମନରୁ ପୋଛିବାକୁ ବସିଲା । ସେତ ସାମୟିକ ଅନୁଭୂତି । ଓଡ଼ିଶାର ମଙ୍ଗଳ, ଓଡ଼ିଶାର କଲ୍ୟାଣ ହେଲା ତାହାର ଜପାମାଳୀ । ତାହାପାଇଁ ସେ ଜୀବନ ଢାଳିବ । କର୍ତ୍ତବ୍ୟ କର୍ମରେ ଆତ୍ମ ସମର୍ପଣ କରି ଆତ୍ମପ୍ରସାଦ ଲାଭ କରିବ । ଏଥିରେ କଣ ତାହାର ନାରୀତ୍ୱ ସଫଳ ହେବ ନାହିଁ । ଅନ୍ୟର ସନ୍ତାନକୁ ନିଜର ସନ୍ତାନ ଭାବିଲେ କଣ ତାହାର ମାତୃତ୍ୱ ଆକାଂକ୍ଷା ପୂର୍ଣ୍ଣ ହେବ ନାହିଁ ? ସେ କପାଁ ଭାବିବ ସେ ବିଧବା, ସେ ସର୍ବସ୍ୱ ବଞ୍ଚିତା !

ଲକ୍ଷ୍ମୀ ପରମ ଉତ୍ସାହରେ କାର୍ଯ୍ୟରେ ବ୍ରତୀ ହେଲା । ଶାନ୍ତି-କୁଟୀରର ପ୍ରତ୍ୟେକ ବିଭାଗରେ ତାହାର ମଙ୍ଗଳମୟ ସ୍ପର୍ଶ ଯେପରି

ନବଜୀବନ ଢାଳିଦେଲା । ବାଳିକାମାନେ ତାହାର ଶିକ୍ଷାରେ ଉନ୍ନତ ହେଲେ । ବିଧବାମାନେ ତାହାର ସାଧନାରେ ସବଳ ହେଲେ । ଶାନ୍ତିକୁଟୀରର ଚତୁର୍ଦ୍ଦିଗ ଶାନ୍ତିରେ ପୂର୍ଣ୍ଣ ହୋଇଗଲା । ସେବାରେ, ଶିଳ୍ପରେ, ଶିକ୍ଷାରେ ଶତ ଶତ ନାରୀ-ଜୀବନ ଧନ୍ୟ ହେଲା ।

ଆର୍ତ୍ତର ସହାୟ, ଅନାଥର ମାତା, ଦୁଃଖୀର ସାନ୍ତ୍ୱନାଦାତ୍ରୀ ଲକ୍ଷ୍ମୀର ଜୀବନ ଆଜି ପୁଣ୍ୟମୟ, ଆଜି ଧନ୍ୟ !

ସ୍ୱାମୀ ସଦାନନ୍ଦଙ୍କର ଭାବନା ବଢିଲା । ଏପରି ନାରୀଦ୍ୱାରା ଓଡିଶାର କ'ଣ କରି ପାରିବେ, ଏହାହିଁ ଥିଲା ତାଙ୍କ ଭାବନାର ପ୍ରଧାନ ବିଷୟ ।

## ୧୬

## କାଳୀବୋହୂ

ଆଜି ସମଗ୍ର ଓଡ଼ିଶାରେ ମହାହୁଲ୍‌ସ୍ଥୂଲ୍‌ ପଡ଼ି ଯାଇଅଛି । ରକ୍ଷଣଶୀଳ ହିନ୍ଦୁଦଳ ଶତ ମୁଖରେ ସ୍ୱାମୀ ସଦାନନ୍ଦ, ଦ୍ୱାରକାନାଥ ଓ କୃଷ୍ଣଚନ୍ଦ୍ରଙ୍କର ସମାଲୋଚନା କରୁଛନ୍ତି । ଖବର କାଗଜ-ମାନଙ୍କରେ ବିଦ୍ରୂପପୂର୍ଣ୍ଣ ଶତ ଶତ କବିତା, ପ୍ରବନ୍ଧ ଓ କଥୋପକଥନ ଛଳରେ ଚନ୍ଦ୍ରୋଦୟର ନିନ୍ଦା ଛପି ଯାଉଛି । କାରଣ ବଶିଷ୍ଠ କରଣ କୁଳର ଯୋଗ୍ୟ ପିତାର ଯୋଗ୍ୟ ପୁତ୍ର ହୋଇ ଭଣ୍ଡତପସ୍ୱୀ ସଦାନନ୍ଦ ଓ ବହୁରୂପୀ ଦ୍ୱାରକାନାଥ, ଓ ଧର୍ମ୍ମଛଡ଼ା କୃଷ୍ଣଚନ୍ଦ୍ରଙ୍କ ପ୍ରବୋଚନାରେ ପଡ଼ି ସେ ଗୋଟିଏ ଅଜ୍ଞାତ

କୁଳଶୀଳା ଯୁବତୀ ବିଧବାର ପାଣିଗ୍ରହଣ କରିଅଛନ୍ତି । ଶାନ୍ତିସ୍ୱରୂପ ଚନ୍ଦ୍ରୋଦୟ ଗୃହରୁ ବିତାଡ଼ିତ, ପିତୃସ୍ନେହରୁ ବଞ୍ଚିତ ଏବଂ ଜାତିଚ୍ୟୁତ । ଗୈରିକ ଧାରଣ କରି, ଚନ୍ଦ୍ରୋଦୟ ଗୈରିକ ବସନା, କାଚ-ସିନ୍ଦୂର ମାତ୍ର ଭୂଷଣା ଲକ୍ଷ୍ମୀ ସହିତ ଯେତେବେଳେ ଇନ୍ଦିରାଙ୍କ ଗୃହରେ ପ୍ରବେଶ କଲେ, ଇନ୍ଦିରା ପରମସ୍ନେହରେ ଲକ୍ଷ୍ମୀକୁ କୋଳକୁ ଟାଣିନେଲେ । ତାଙ୍କ କନ୍ୟାଦ୍ୱୟ ମୀରା ଓ ଧୀରା, ପ୍ରଫୁଲ୍ଲ ପୁଷ୍ପରେ ଭ୍ରମର ତୁଲ୍ୟ ନବାଗତା କୃଷ୍ଣାସୁନ୍ଦରୀର ଅନିନ୍ଦ୍ୟ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ପାନକରିବାକୁ ଲାଗିଲେ । ଚନ୍ଦ୍ରୋଦୟଙ୍କୁ ସାଦର ସମ୍ଭାଷଣ କଲାପରେ ଲକ୍ଷ୍ମୀକୁ ଉଦ୍ଦେଶ୍ୟ କରି ଇନ୍ଦିରା କହିଲେ, "ମାଁ, ତୁମେ ମୋର କାଳୀବୋହୂ । ତୁମେ ଲକ୍ଷ୍ମୀ, ଆଶୀର୍ବାଦ କରୁଛି ଓଡ଼ିଆ ଘରର ଲକ୍ଷ୍ମୀ ହୁଅ ।" ଦ୍ୱାରକାନାଥ ହସି ହସି କହିଲେ, "ଆଜି ଆମପୁଅ ଚନ୍ଦ୍ରୋଦୟ ଓଡ଼ିଶାର ଅନ୍ଧାର ଆକାଶରେ ନବ ଚନ୍ଦ୍ରୋଦୟ ! ଆଶୀର୍ବାଦ କରୁଛି, ଦୁଇଜଣ ଦୀର୍ଘଜୀବୀ ହୋଇ ଦେଶର ହିତରେ ଲାଗିଥାଅ । ଜାତିଭେଦ, କୁସଂସ୍କାର, ନାରୀ ନିର୍ଯ୍ୟାତନ ଇତ୍ୟାଦି ଆତ୍ମ-ବଳରେ ଜୟ କରି ଓଡ଼ିଶାରେ ନବଯୁଗର ସୂଚନା କର ।"

ଶାନ୍ତିକୁଟୀରରେ ସମଗ୍ର ବାଳିକା ଓ ବିଧବାମାନଙ୍କର ଶିକ୍ଷା ଓ ତତ୍ତ୍ୱାବଧାନରେ ଲକ୍ଷ୍ମୀର ଦିନ ପରମାନନ୍ଦରେ ଅତିବାହିତ ହେଲା । ନାରୀତ୍ୱର ମହତ୍ତ୍ୱ, ସତୀର ଦେବତ୍ୱ, ନାରୀର ଅପୂର୍ବ ପାତିବ୍ରତ୍ୟର ମହିମା ଲକ୍ଷ୍ମୀର ଜୀବନକୁ ଉଜ୍ଜ୍ୱଳ କଲା । ସେ ଜୀବନରେ ବହୁଦୁଃଖ ଭୋଗ କରିଥିଲା, ବହୁଦେଶ ବୁଲିଥିଲା, ବହୁତ ଶିକ୍ଷା ମଧ୍ୟ ପାଇଥିଲା, ଚନ୍ଦ୍ରୋଦୟ ତୁଲ୍ୟ ମହାପୁରୁଷଙ୍କୁ ସ୍ୱାମୀରୂପେ ଲାଭ କରି ନିଜର ସବୁ ଦୁଃଖ ସାର୍ଥକ ମଣିଲା ଓ

ଭଗବାନଙ୍କୁ ଧନ୍ୟବାଦ ଦେଲା । ଓଡ଼ିଶାର ନାରୀଜାତିର ଜନନୀ ସକାଶେ ନିଜର ସମ୍ପ୍ରଦାୟ ରକ୍ତ ଢାଳି ଦେବାକୁ ସୁଦ୍ଧା ତାହାର ବାସନା ହେଉଥିଲା । ପତି ଦେବତାର ଚରଣ ପୂଜାକରି ଆଜି ତାହାର ଜୀବନ ସଫଳ । ଆର୍ଯ୍ୟ ନାରୀର ଆଦର୍ଶ ପାଳନ କରି ସେ ଧନ୍ୟା ହୋଇଅଛି । ମାତୃତ୍ୱର ପରମଗୌରବରେ ତାହାର ହୃଦୟ ପରିପୂର୍ଣ୍ଣ । ଲକ୍ଷ୍ମୀ ଆଜି ବାସ୍ତବରେ ଲକ୍ଷ୍ମୀ !

ସ୍ୱାମୀ ସଦାନନ୍ଦଙ୍କ ସାହାଯ୍ୟରେ ଇଚ୍ଛାପୁରରେ ବାଳକ-ମାନଙ୍କର ଜାତୀୟ ବିଦ୍ୟାଳୟର ତତ୍ତ୍ୱାବଧାନ କରି ଚନ୍ଦ୍ରୋଦୟ ନିଜ ଜୀବନକୁ ସଫଳ ଜ୍ଞାନ କଲେ । ନୈମିଷ୍ୟାରଣ୍ୟର ଶିକ୍ଷା ଓ ସାଧନା ଭାରତ ବର୍ଷକୁ ଫେରାଇ ଆଣିବାକୁ ସମସ୍ତେ ପ୍ରାଣପଣ ଚେଷ୍ଟା କଲେ ।

*                    *                    *

ଶ୍ରୀକ୍ଷେତ୍ରରେ ସ୍ୱାମୀ ସଦାନନ୍ଦଙ୍କ ମୃତ୍ୟୁଶଯ୍ୟା ନିକଟରେ ଆଜି ସମସ୍ତେ ଉପବିଷ୍ଟ । ଇନ୍ଦିରା ଓ ସରସ୍ୱତୀଙ୍କ ଆଖିରୁ ଲୁହ ଝରୁଛି । ଲକ୍ଷ୍ମୀ ମହାଶୋକରେ ପାଷାଣ ପାଲଟି ଗଲାଣି । ବିପିନବାବୁ, ଦ୍ୱାରିକାନାଥ, କୃଷ୍ଣଚନ୍ଦ୍ର ଓ ଚନ୍ଦ୍ରୋଦୟ ତାଙ୍କର ସେବା ଶୁଶ୍ରୂଷାରେ ଲାଗିଛନ୍ତି । କିଛିକ୍ଷଣପରେ ସଂଜ୍ଞା ଲାଭ କରି ନିଜର ପ୍ରାଣ ପ୍ରତିମ ଶିଷ୍ୟବର୍ଗଙ୍କୁ ଅନାଇ ସ୍ୱାମୀଜୀଙ୍କ ଚକ୍ଷୁ ଲୋତକ-ପୂର୍ଣ୍ଣ ହେଲା । କିନ୍ତୁ କିଛିକ୍ଷଣ ପରେ ସ୍ଥିର ହୋଇ ବିପିନବାବୁଙ୍କୁ ଅନାଇ କ୍ଷୀଣ କଣ୍ଠରେ କହିଲେ—"ବାବା ! ମୁଁ କିଏ, ଅନେକଥର ତୁମ୍ଭେ-ମାନେ ମୋତେ ପଚାରିଛ, କିନ୍ତୁ ମୁଁ କହିନାହିଁ । ଜୀବନର ଶେଷ ମୁହୂର୍ତ୍ତରେ କହିବି ବୋଲି ବାସନା କରିଥିଲି, ଆଜି ସେ ମୁହୂର୍ତ୍ତ

ଉପସ୍ଥିତ । ବସ୍ତୁତଃ ମୁଁ ଅନାହିଁ, ମୁଁ ଜଣେ ରାଜପୁତ୍ର । ମୋହର ପ୍ରକୃତ ନାମ ଗଜପତି ନରସିଂହ ଜଗଦେବ ହରିଚନ୍ଦନ । ଅନଙ୍ଗଭୀମ, ପୁରୁଷୋତ୍ତମ, ପ୍ରତାପରୁଦ୍ର ଯେଉଁ-ବଂଶ ଅଲଙ୍କୃତ କରିଥିଲେ, ମୁଁ ସେହି ବଂଶର ଗୋଟିଏ ହୀନ ପଲ୍ଲବ । କହୁ କହୁ ତାଙ୍କର କଣ୍ଠରୁଦ୍ଧ ହେଲା; ସମସ୍ତେ ସ୍ତମ୍ଭୀଭୂତ ହେଲେ । କିଛିକ୍ଷଣ ଆକାଶକୁ ଅନାଇ ଅଲେଖ ନିରଞ୍ଜନଙ୍କୁ ଧ୍ୟାନ କରୁ କରୁ ପୁଣି କହିଲେ—"ଗୁରୁକୃପାରେ ନବୀନ ବୟସରେ ସନ୍ନ୍ୟାସ ଗ୍ରହଣ କରି ଓଡ଼ିଶାର ହିତ ସାଧନରେ ମନପ୍ରାଣ ଢାଳି ଦେଇଥିଲି । ମୋହର ଗୁରୁ ସ୍ୱାମୀ ସଚ୍ଚିଦାନନ୍ଦ ଅଲେଖ ଧର୍ମବାଦୀ ଥିଲେ । ତାଙ୍କର ଶିକ୍ଷା ଫଳରେ ମୁଁ ଚିରଜୀବନ ଏକ ଈଶ୍ୱରଙ୍କୁ ଉପାସନା କରି ଆର୍ଯ୍ୟ ଜାତିର ସମ୍ପ୍ରଦାୟ ପୁରାତନ ରୀତି ନୀତି ଲୋକଙ୍କୁ ଶିକ୍ଷା ଦେଇଛି । ତୁମ୍ଭେ-ମାନେ ଭଗବାନଙ୍କର ସ୍ତବ ଗାନ କର । ଆଜି ମୋହର ଆରବ୍ଧ କାର୍ଯ୍ୟ ଏକାନ୍ତ ଚିତ୍ତରେ ପୂର୍ଣ୍ଣ କର ।" ସଦାନନ୍ଦ ନୀରବରେ ମନ୍ତ୍ରୋଚ୍ଚାରଣ ଆରମ୍ଭ କଲେ ।

ସମସ୍ତେ ଭଗବାନଙ୍କର ସ୍ତବ କରୁ କରୁ ଅନାଇ ଦେଖିଲେ, ସଦାନନ୍ଦଙ୍କ ନୟନଦ୍ୱୟ ଉଜ୍ଜ୍ୱଳ ହୋଇ ଉଠିଲା । ସ୍ୱାମୀ ଧ୍ୟାନସ୍ଥ ହୋଇ ଦେହ ତ୍ୟାଗ କଲେ । କ୍ରନ୍ଦନର ରୋଳରେ ଗୃହ ପୂର୍ଣ୍ଣ ହେଲା ।

ସ୍ୱାମୀଙ୍କର ଯଥାବିଧି ସତ୍କାର କରି ସମସ୍ତେ ସ୍ୱ ସ୍ୱ ଗୃହକୁ ଫେରିଗଲେ । ଆଜି ସେମାନେ ଉପଯୁକ୍ତ ନେତା, ପରମ ସ୍ନେହୀ ପିତା ଆଉ ଧର୍ମ ଗୁରୁର ଅଭାବ ତୀବ୍ରଭାବରେ ଅନୁଭବ କରୁଥିଲେ ।

ଚନ୍ଦ୍ରୋଦୟ ଓ ଲକ୍ଷ୍ମୀର ହୃଦୟରେ ସଦାନନ୍ଦଙ୍କର ମୃତ୍ୟୁ କଠିନ ଆଘାତ କରିଥିଲା । କିଛିଦିନ ସେମାନେ କେବଳ

ଶୋକ ଭଟ୍ଟ ଭୁଲିଲେ । ପରେ ସ୍ୱାମୀଜୀଙ୍କ ଶେଷବାକ୍ୟ ସ୍ମରଣ କରି ତାଙ୍କର ଆରବ୍ଧ କାର୍ଯ୍ୟ ସଫଳାର୍ଥେ ମନଃପ୍ରାଣ ଢାଳି ଦେଲେ । ସ୍ୱାମୀଜୀଙ୍କର ସ୍ମରଣାର୍ଥେ ଲକ୍ଷ୍ମୀ ଆପଣାର ଗୋଟିଏ ପୁତ୍ରର ନାମ ସଦାନନ୍ଦ, ଅନ୍ୟଟିର ନାମ ଅଲେଖ ଓ କନ୍ୟାର ନାମ ନିରଞ୍ଜନା ଦେଲା ।

*                    *                    *

ବର୍ତ୍ତମାନ କାଳିବୋଦ୍ଧ ସମସ୍ତଙ୍କଠାରୁ ମେଲାଣି ମାଗୁଛୁ । ତାହାକୁ ବିଧାତା କାଳୀ କରି ସୃଷ୍ଟି କରିଅଛନ୍ତି । ଆଶାକରେ ପାଠକପାଠିକାବର୍ଗ ଗାଳିଦ୍ୱାରା ତାକୁ ଅଧିକ କାଳୀ କରିବେ ନାହିଁ ।

ଓଁ ତତ୍ ସତ୍

ସମ୍ପୂର୍ଣ୍ଣ

Printed by M. A. Hadi at the Lakshmi Narayan Press, Cuttack—1940

ଉତ୍କଳଭାରତୀ ଡାକ୍ତର କୁନ୍ତଳାକୁମାରୀ ଦେବୀଙ୍କର

ଯୁଗାନ୍ତକାରୀ

# ଅମର ଅବଦାନ

ଓଡ଼ିଶାର ପ୍ରତ୍ୟେକ ନର ନାରୀଙ୍କର ପଢ଼ିବା ଉଚିତ

## ଉପନ୍ୟାସ

ରଘୁଅରକ୍ଷିତ—ଆଧୁନିକ ଜୀବନର ନାନା ଘାତ ପ୍ରତିଘାତର
ବାସ୍ତବ ଆଲେଖ୍ୟ ଟ ୨(

ପରଶମଣି—ନାରୀତ୍ୱର ବଳିଷ୍ଠ ବ୍ୟକ୍ତିତ୍ୱର
ମହିମାମୟ ଚିତ୍ର ଟ ୦ ୩

ଭ୍ରାନ୍ତି—କଥା ସାହିତ୍ୟର ବୈଶିଷ୍ଟ୍ୟପୂର୍ଣ୍ଣ ବିକାଶ ଟ ୦।୵

ନଅତୁଣ୍ଡି—ସରଳ ଗ୍ରାମ୍ୟ ଜୀବନର ସରସ ଚିତ୍ର ଟ ୦ ୩

କାଳୀବୋହୂ—ରୂପରେ କାଳୀ ହେଲେ ମଧ୍ୟ ଗୁଣରେ
ଉଜ୍ଜ୍ୱଳ ହୀରକ ଟ ୦ ।/

## କବିତା

ଅର୍ଚ୍ଚନା—ଅନ୍ତରର ନୈବେଦ୍ୟରେ ବେଦନାମୟ ଟ ୪।

ଅଞ୍ଜଳି—ସାଧକ ହୃଦୟର ଉଚ୍ଛ୍ୱାସପୂର୍ଣ୍ଣ ନିବେଦନ ଟ ୧(

ପ୍ରେମଚିନ୍ତାମଣି—ଏ ଯୁଗର ଗୀତଗୋବିନ୍ଦ, କବିଙ୍କର
ଶ୍ରେଷ୍ଠ ଗୀତ କାବ୍ୟ ଟ ୧(

ଉଚ୍ଛ୍ୱାସ—ଭାବ ଓ କଳ୍ପନାର ବୈଚିତ୍ର୍ୟମୟ
ଅଭିବ୍ୟକ୍ତି ଠ ୦ ୩

ଗଡ଼ଜାତ କୃଷକ—ଦୀନ, ଅତ୍ୟାଚାରିତ ଗଡ଼ଜାତ ପ୍ରଜାର
କରୁଣାତ୍ମକ ବର୍ଣ୍ଣନା ଠ ୦ /

ଆହ୍ୱାନ—ଜାତୀୟତାର ତୀବ୍ର ଉନ୍ମାଦନାରେ ଭରା
(ଦ୍ୱିତୀୟ ସଂସ୍କରଣ) ଠ ୦ ।

ସ୍ଫୁଲିଙ୍ଗ—ସୁପ୍ତ ଜାତି ପ୍ରାଣରେ ଜାଗରଣର ନୂଆ
ସ୍ପନ୍ଦନ ଆଣିଛି ଠ ୦ ୩୵

ଆହୂତି—ନବଯୁଗର ମନ୍ତ୍ର (ଯନ୍ତ୍ରସ୍ଥ) ଠ ୦ ।

**ହିନ୍ଦି**

ବରମାଳା ଟ ୦ ୩ ... ସପନା ଟ ୧୯

ସୁଲେଖକ ଶ୍ରୀ ଚନ୍ଦ୍ରଧର ମହାପାତ୍ରଙ୍କ ପ୍ରଣୀତ ଉପନ୍ୟାସ

ଗୋବର ଗୋଟେଇ ଟ ୦ ୩

ଅପୂର୍ଣ୍ଣ ପ୍ରେମ ଟ ୦ ।୵

**ଅନ୍ୟାନ୍ୟ**

କବିପ୍ରତିଭା ( ସରଳା ଦେବୀ ) ଟ ୦ ।

ସ୍ମରଣୀକା ଟ ୦ ।

---

ପ୍ରାପ୍ତିସ୍ଥାନ
ଭାରତୀ ବୁକ୍ ଡିପୋ,
ନୟାସଡ଼କ, କଟକ